# ଆମ କବିତା

ମାସିକ ଇ-ପତ୍ରିକା


❖ ତୃତୀୟ ବର୍ଷ
❖ ଦ୍ୱିତୀୟ ସଂଖ୍ୟା
❖ ଫେବୃୟାରୀ ୨୦୨୪


AMARISATYA ଆମରିସତ୍ୟ Estd.: 2006 ODISHA



# ଆମ କବିତା

ତୃତୀୟ ବର୍ଷ ❖ ଦ୍ୱିତୀୟ ସଂଖ୍ୟା ❖ ଫେବୃୟାରୀ ୨୦୨୪

**ମାର୍ଗଦର୍ଶକ**

ଡ. ପ୍ରମୋଦ ଚନ୍ଦ୍ର ଦାଶ

**ସମ୍ପାଦକ**

ନିଶିକାନ୍ତ କହଲସିଂହ

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ
ବାବାଜୀ ଚରଣ ଜେନା
ବିଭୁପ୍ରସାଦ ହରିଚନ୍ଦନ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ
ପ୍ରୀତମ ବଳିୟାରସିଂହ

ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

ଫେବୃୟାରୀ ୨୦୨୪

# ସମ୍ପାଦକୀୟ



ଶୀତ............
ଏକ ଶୀହରଣ.........
ଏକ ପୁଲକ.......
ଆସି ଛୁଇଁଦେଲେ
ଭାଙ୍ଗିଯାଏ ମୌନାବତୀର ମାନ,
ଝରିପଡ଼େ ବିରହିଣୀର ହସ.......
ଶେଷହୁଏ କାୟାତୀତ କ୍ଲେଶ........
ସତରେ.......
କେଡ଼େ ଭଲ ଶୀତର ଆଶ୍ଲେଷ.....!!

ଶୀତ............
ଢାଳିଦିଏ ସହସ୍ର ଚୁମ୍ବନ.......
ନାଚିଉଠେ ସଂତାପିତ ସ୍ୱପ୍ନର ଗୋଧୂଳି.......
ବହିଯାଏ ନୀଳନଦୀ
ହସିଉଠେ ଶଦ୍ଦର ସବୁଜ ପଟାଳି.....।

ଶୀତ........
ସ୍ୱପ୍ନର ଏ ଶାଳବଣେ
ଶିରିଶିରି ଶିଶିରର ସମୁଦ୍ର ଜୁଆର.....,
ଶୀତ........
ନିଦର ଏ ନଳବଣେ
ଦଳଦଳ ପକ୍ଷୀଙ୍କର ରଙ୍ଗ ପଚୁଆର......।

ଶୀତ.........
ଏମିତି ଫୁଟାଏ ଫୁଲ
ଦିନଦିନ , ଦି'ଗାଆଁର ଦୋସମାଳି ଠାରେ,
ଶୀତ.........
ଭୁରୁଭୁରୁ ମିଠାଗନ୍ଧ
ବିଞ୍ଚିଦିଏ ଚଲାନଈ କେତକୀ ପଠାରେ.....।

ଶୀତ..........
ଆଜି ବି ଆସୁଛି ସେ ତ
ସାଥୀ କରି ପଉଷ ପବନ..........,
ମାଘ ବାଘ ନଥିଲେ ବି
ଦୋହଲାଏ ଚହଲାଏ ଚନ୍ଦ୍ରମଲ୍ଲୀ ମନ........।

ଫେବୃୟାରୀ ୨୦୨୪


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଶୀତ...ଗୋଟେ ମିଠା ନାଆଁ... | ସୁକାନ୍ତି ମିଶ୍ର | ୭ |
| ୨. | ଶୀତରେ ଶୀତରେ....... | ମନୋଜ ପଟ୍ଟନାୟକ | ୮ |
| ୩. | ଶୀତ | ପଙ୍କଜିନୀ ଉପାଧ୍ୟାୟ | ୯ |
| ୪. | ଶୀତ ଅନାବନା | ପୂର୍ଣ୍ଣ ଦାସ | ୧୦ |
| ୫ | ଶୀତର ଗଜଲ... | ରମେଶ ମଙ୍ଗରାଜ | ୧୧ |
| ୬. | ଶୀତ ଆସି ଫେରିଯାଏ | ବାବାଜୀ ଚରଣ ଜେନା | ୧୨ |
| ୭. | ମଙ୍କି ଟୋପି | ଦିବାକର ନାୟକ | ୧୩ |
| ୮. | ଭାବନାରେ ଶୀତ ଋତୁ | ଚପଳା ପଣ୍ଡା | ୧୪ |
| ୯. | ଶୀତ ଆସେ | ଜୟନ୍ତୀ ସ୍ୱାଇଁ | ୧୫ |
| ୧୦. | ତିନିଟି ସ୍କେଚ୍ ଶୀତ ପାଇଁ | ସୁମିତା ବେହେରା ବାପି | ୧୬ |
| ୧୧. | ମୋ' ଗାଆଁରେ ଶୀତ | ରମେଶ ଚନ୍ଦ୍ର ମିଶ୍ର | ୧୭ |
| ୧୨. | ଶୀତ ସକାଳ ଓ ସଞ୍ଜ | ସୁଲୋଚନା ସ୍ୱାଇଁ | ୧୮ |
| ୧୩. | ହାଡ଼ଭଙ୍ଗା ଜାଡ଼ | ହରିବନ୍ଧୁ ମଙ୍ଗରାଜ | ୧୯ |
| ୧୪. | ଆସୁଛି ଛଇଳ ଶୀତ | ତାରାପ୍ରସାଦ ଜେନା | ୨୦ |
| ୧୫. | ଶୀତର ତାତି | ଛବିରାଣୀ ପତି | ୨୧ |
| ୧୬. | ଶୀତ | ପୁଷ୍ପାଞ୍ଜଳି ପଣ୍ଡା | ୨୨ |
| ୧୭. | ଶୀତ ଆସିଛି | ପ୍ରଦୀପ୍ତ କୁମାର ସାହୁ | ୨୩ |
| ୧୮. | ଶୀତ | ମନୋରଞ୍ଜନ ଦଳେଇ | ୨୪ |
| ୧୯. | ଆସିଛି ଶୀତ | ମଧୁଛନ୍ଦା ଦାଶ | ୨୫ |
| ୨୦. | ଶୀତ ଆସେ ଥରି ଥରି | ସୁରାତ୍ରୀ ପ୍ରଧାନ | ୨୬ |
| ୨୧. | ଆମ ଗାଁରେ ଶୀତ | ବିଳାସିନୀ ଦାଶ | ୨୭ |
| ୨୨. | ଶୀତ ଆଗମନ | କାହ୍ନୁଚରଣ ମିଶ୍ର | ୨୮ |
| ୨୩. | ଦରଦୀ ରଜା | ଆରତି ମଞ୍ଜରୀ ଦାଶ | ୨୯ |
| ୨୪. | ଶୀତ ଆସିଛି ଏଇ ମରତେ | ସଞ୍ଜୁକ୍ତା ଚମ୍ପତିରାୟ | ୩୦ |
| ୨୫. | ଶୀତ | ସୀମା ମେହେର | ୩୧ |

ଆମ କବିତା

ଫେବୃୟାରୀ ୨୦୨୪


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ଶୀତ ଆସେ | ନଳିନୀ ଦାଶ | ୩୨ |
| ୨୭. | ଶୀତ | ମିନତୀ ଶତପଥୀ | ୩୩ |
| ୨୮. | ଶୀତ | ନଳିନୀ ପ୍ରଭା ମିଶ୍ର | ୩୪ |
| ୨୯. | ଶୀତ ଆସିଛି | ନଳିନୀ ପ୍ରଭା ଦାସ | ୩୫ |
| ୩୦. | ହିମମୟୀ ଶୀତ | ସ୍ୱପ୍ନାରାଣୀ ପାଣିଗ୍ରାହୀ | ୩୬ |
| ୩୧. | ଶୀତ ମାଉସୀ | ଚନ୍ଦ୍ରକଳା ଦେବୀ | ୩୭ |
| ୩୨. | ଆସିଛି ଶୀତ | ମନୋରମା ମହାନ୍ତି | ୩୮ |
| ୩୩. | ଶୀତ | ବିଷ୍ଣୁପ୍ରିୟା ପ୍ରତାପସିଂହ | ୩୯ |
| ୩୪. | ଶିଶିର ସାରସ | ସନ୍ତୋଷିନୀ ଦାଶ | ୪୦ |
| ୩୫. | ଶୀତ | ଜ୍ୟୋତିପ୍ରଭା ପଟ୍ଟନାୟକ | ୪୧ |
| ୩୬. | ଆସିଛି ଶୀତ | ରୀନାରାଣୀ ବେହେରା | ୪୨ |
| ୩୭. | ଶୀତ ଏକ ଅନୁଭୂତି | ଆରତୀ ପ୍ରହରାଜ | ୪୪ |
| ୩୮. | ଶୀତମାଉସୀ | ପ୍ରତିମା ମହାରଣା | ୪୫ |
| ୩୯. | ଅଭିମାନିନୀ ଶୀତରାଣୀ | ବନ୍ଦନା ମହାପାତ୍ର | ୪୬ |
| ୪୦. | ଶୀତ | ସୂର୍ଯ୍ୟକାନ୍ତି ଦାଶ | ୪୭ |
| ୪୧. | ଶୀତ | ବୀଣାପାଣି ଦେବୀ | ୪୮ |
| ୪୨. | ଶୀତ ଯେବେ ଆସେ | ଅଶେଷ ଲୋଚନ ଆଚାର୍ଯ୍ୟ | ୪୯ |
| ୪୩. | ଶୀତ ତ ଡରାଏ ଆସି | ପ୍ରଶାନ୍ତ କୁମାର ଦାଶ | ୫୦ |
| ୪୪. | ଶୀତ | ନିରୁପମା ପାଣି | ୫୧ |
| ୪୫. | ଶୀତ | ଅଞ୍ଜଳି ଦାସ | ୫୨ |
| ୪୬. | ମୋ' ଗାଁ'କୁ ଶୀତ ଆସିଲେ | ସୌଦାମିନୀ ସାହୁ | ୫୩ |
| ୪୭. | କାଶତଣ୍ଡୀ ଫୁଲ ଯାଉଛି କହି | ବୈଶାଳୀ ସାହୁ | ୫୪ |
| ୪୮. | ଶୀତ | ସୁହଂସ ଭୋଇ | ୫୫ |
| ୪୯. | ଶୀତ | ଅମୀୟ କୁମାର ସାହୁ | ୫୬ |
| ୫୦. | ଶୀତ ଆଉ ତୁମେ | ସବିତା ମହାପାତ୍ର | ୫୭ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୫୧. | ଶାନ୍ତ ଶୀତ | ପ୍ରଜ୍ଞା ମହାନ୍ତି | ୫୮ |
| ୫୨. | ଶୀତ | ତଫିଜୁଲ ହୋସେନ | ୫୯ |
| ୫୩. | ଶୀତ ସକାଳ | ଜିତେନ୍ଦ୍ର କୁମାର ନାୟକ | ୬୦ |
| ୫୪. | ଶୀତକୁ ସ୍ୱାଗତ | ରଶ୍ମିତା ମହାରଥୀ | ୬୧ |
| ୫୫. | ଶୀତ ରାଣୀ କହ କାହାଣୀ | ସୁନନ୍ଦା ମହାନ୍ତି | ୬୨ |
| ୫୬. | ତୁମେ ଯେବେ ଆସ ଥିରି ଥିରି | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୬୩ |
| ୫୭. | ଶୀତ | ସତ୍ୟନାରାୟଣ ମଲ୍ଲିକ | ୬୪ |
| ୫୮. | ଶୀତ ଆସିଛି | ଆରାଧନା ଦାଶ | ୬୫ |
| ୫୯. | ଶୀତ | ଶୁଭଶ୍ରୀ ରାଉତ | ୬୬ |
| ୬୦. | ମରତେ ଆସିଛି ଶୀତ | ବେଣୁଧର ସୂତାର | ୬୭ |
| ୬୧. | ଶୀତ | ବାସନ୍ତୀ ଦେଈ | ୬୮ |
| ୬୨. | ଗାଆଁରେ ଶୀତ | ବୈଦ୍ୟନାଥ ଖିଲାର | ୬୯ |
| ୬୩. | ଶୀତ ଛୁଇଁଲାଣି.... | ବାସନ୍ତୀ ଦାସ | ୭୦ |
| ୬୪. | ଶୀତ ସକାଳରେ | ପ୍ରସନ୍ନ ମଣ୍ଡଳ | ୭୧ |
| ୬୫. | ଶୀତ ଲାଗି ସିନା | ଜୟଶ୍ରୀ ପଟ୍ଟନାୟକ | ୭୨ |
| ୬୬. | ଶୀତ ଋତୁ ଆସେ ହେମନ୍ତ ଅନ୍ତେ | ଗୀତା ମିଶ୍ର | ୭୩ |
| ୬୭. | ଶୀତାର୍ତ୍ତ ଗୋଧୂଳି | ରବିନାରାୟଣ ମଙ୍ଗରାଜ | ୭୪ |
| ୬୮. | " ଶୀତର ସାୟେରୀ " | ରତ୍ନପ୍ରଭା ବାଇ | ୭୫ |
| ୬୯. | ଶୀତରାତି | ୰ ଯମେଶ୍ୱର କହଲସିଂହ | ୭୬ |
| ୭୦. | ଶୀତ ସକାଳ | ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ | ୭୭ |
| ୭୧. | ଶୀତର ଗୀତି | ଆଶୁତୋଷ ମେହେର | ୭୮ |



# ଶୀତ...ଗୋଟେ ମିଠା ନାଆଁ...

## ସୁକାନ୍ତି ମିଶ୍ର

ଖରା ମୁରୁଜର ତାରକସୀ ଶୀତ ଡଙ୍ଗର ତଳର ଗାଆଁ
ସୋରିଷ ଫୁଲର ଠିକଣାରେ ଲେଖା ଶୀତ ଗୋଟେ ମିଠା ନାଆଁ
ଶୀତ ଟୁପୁଟୁପୁ କାକର ଟୋପିରେ ଅଳସୀ ଫୁଲର ମିତ
ସାଇବେରିଆର ସରାଗରେ ଶୀତ କିଚିରିମିଚିରି ଗୀତ....

ଶୀତ ମହମହ ଗଙ୍ଗଶିଉଳିରେ ଶିଶିର ମୁକୁତା ମାଳି
ଶୀତ ବୋଇତର ବନ୍ଦାଣ ଥାଳିରେ ସାଧବାଣୀ ହୁଳହୁଳି
ଲକ୍ଷ୍ମୀ ପାଦ ଅଙ୍କା ଅଗଣାରେ ଶୀତଖୁସିର କଅଁଳ ଖରା
ଶୀତ ଥୁରୁଥୁରୁ ଗପ ଦୁଇଧାଡ଼ି ହେମାଳ ବାଆରେ ପରା

କୁରେଇ ଫୁଲର ଆଳାପରେ ଶୀତ ମିଳନର ମୁଠେ ଖୁସି
ଶୀତ ସୁନାଝରା କଳେଇ ଗଦାର ହସଟିଏ ବାରମାସୀ
ଶୀତ ସକାଳର କାଲୁଆ କୋଳରେ ଲିପାପୋଛା ଧାନଖଳା
କୁଆଁରୀ ବଉଳ ଗାଆଁରେ ଏ ଶୀତ ଫୁଲମାନଙ୍କର ମେଳା

ମାଟି ମଲାଟର ଶାଗ ପଟାଳିରେ ଛବିଟିଏ ଅପାସୋରା
କାଇଁଚ ପେଡିରେ ସପନ ସଜାଇ ହାତେ ଆସି ଦିଏ ଧରା.....

"ସମ୍ପର୍କ",
ସାରସ୍ୱତ ନଗର, ସିଦ୍ଧମହାବୀର,
ପୁରୀ



# ଶୀତରେ ଶୀତରେ.......

ମନୋଜ ପଟ୍ଟନାୟକ

ଶୀତରେ ଦେଖିଚି ଫଳନ୍ତି ସୁଖର କିଆରୀ କିଆରୀ ସ୍ୱପ୍ନ
ଶୀତରେ ପଢ଼ିଚି ସୁନେଲି ଅକ୍ଷରେ ଭାଗ୍ୟର ଅମୃତ ଲଗ୍ନ ।
ଶୀତରେ ପାଇଚି ଅପୂର୍ଣ୍ଣ ଖଳାରେ ପୂର୍ଣ୍ଣତାର ଲକ୍ଷ୍ମୀ ପାଦ
ଶୀତରେ ଶୁଣିଚି ହେମାଳ ସକାଳେ ଆନନ୍ଦର ବର୍ଣ୍ଣବୋଧ।।

ଶୀତରେ ଗାଇଚି ପଉଷ ରାଗରେ ଆହତ ଉଦାସ ଗୀତ
ଶୀତରେ ଖୋଜିଚି କଅଁଳ ମାଘରେ ଆପଣା ମନର ମିତ ।
ଶୀତରେ ସାରିଚି ରୋମାଞ୍ଚ ଖେଳରେ ଅନେକ ଶୀତୁଆ ସଞ୍ଜ
ଶୀତରେ ଛୁଇଁଚି ମେଳାପୀ ଡାକରେ ଅନେକ ଫୁଲେଇ କୁଞ୍ଜ ।।

ଶୀତରେ ଲେଖିଚି ବିଧବା ବିଲରେ ଆକୁଳ ହୃଦୟ ବ୍ୟଥା
ଶୀତରେ କହିଚି ଉଷୁମ୍ ଖୁସିରେ ଅସୀମ ଅମଳ କଥା ।
ଶୀତରେ ଆଣିଚି କାକର ଗାଧୁଆ ଉହ୍ଳେଇ ଛାତିର ଆହା
ଶୀତରେ ରଖିଚି ଘୁମନ୍ତ ଆଖିରେ ଶୀତେଇ ଯିବାର ମାୟା ।।

ଶୀତରେ ଶୀତରେ ଶୀତୁଆ ନିଶାରେ ଶୀତକୁ କରିଚି ଗେଲ
ଶୀତରେ ଶୀତରେ ଶୀତୁଆ ପ୍ରେମରେ ଶୀତକୁ ପାଇଚି ଭଲ ।।

'ଆଶ୍ରୟ'
ପ୍ଲଟ୍ ନଂ--ଡି/୯୯, ସେକ୍ଟର--୭
ମର୍କତନଗର, କଟକ

# ଶୀତ

ପଙ୍କଜିନୀ ଉପାଧ୍ୟାୟ


ଖରା ନଇଁଲାଣି ପ୍ରାଚୀ ଗଗନରୁ ଧୂମାଳ ସାନ୍ଧ୍ୟ ଆକାଶ
ସୂର୍ଯ୍ୟାସ୍ତର ଏହି ଶୀତଳ ଶୀର୍ଷକ ଶୀତ ସଞ୍ଜ ଅବଶେଷ।
ବୟସ ବସନ୍ତ ଅପସାରଣରେ ଯେମିତି ଶୀତଳ ତନୁ
ଶୀତ ସଞ୍ଜ ଗାଏ ବିରହ କବିତା କିଏ ରହେ ତା'ର ବିନୁ।

ଶାବନା ରଙ୍ଗର ସବୁଜିମା ଘେରେ କୋହର ଅୟଂ ଆରମ୍ଭ
କ୍ରମଶଃ ଗତିରେ ଶୀତ ମାଡିଚାଲେ ବଢାଏ ଶୀତାର୍ତ୍ତ ଭାବ।
ବିଭାବରୀ କାଳେ ପରଷର ବାତ ଝୁଲେ କାମିନୀ ପଣତେ
ଉଦୟ ରାଗର ଅଭିସାରିକା ସେ ହୃଦୟେ ଦାଇତ୍ୱ କାତେ।

ସଂଜବତୀ ଠାରୁ ସକାଳ ଆଳତୀ ଶୀତ ମାଉସୀ ଆସର
ଶୀତର ସାୟରୀ ଓଠ ଅଙ୍ଗନରେ କମ୍ପନ କି ମଜାଦାର !
ଶୀତର ଘେରରେ ସମସ୍ତ ଜୀବନ ପ୍ରଭାବିତ କାଳେକାଳେ
ଶୟନେ ସପନ ସବୁ ସମ୍ଭାବନା ଶୀତଶୀର୍ଣ୍ଣା ବୁକୁ ତଳେ।

ଶୀତ ଏମିତିକା ପ୍ରକୃତି ସମ୍ଭବା ପାରିଜାତ ପୁଷ୍ପବନ
ଶୀତେଇ ପାରିଲେ ଶୀତ କାକରରେ ସାର୍ଥକ ତୁମ ଜୀବନ।

ଯାଜପୁର



# ଶୀତ ଅନାବନା

ପୂର୍ଣ୍ଣ ଦାସ

ପବନ କାନ୍ଧର ଉତୁରି ଉଡ଼ାଏ
ସୁନେଲି ଖରା ମୋ ଶୀତ,
ଓଲରା ଚାଳରେ ଘରଚଟିଆର
ବସା ବାନ୍ଧିବାର ଗୀତ ।

ଶୀତ ନୁହେଁ ଦୂର ନଗଡ଼ା ମାଟିର
କରୁଣ କଇଁର ହସ,
ଶୀତ ଧାଙ୍ଗିଡ଼ୀର ଢାଲିଆ ଖୋଷାରେ
କୁରେଇ ଫୁଲର ଧାସ ।

ଶୀତ ମୋ' ଖିଆଲି ଡାକବାଲା ଚାଲି
ପ୍ରତୀକ୍ଷାର ଲୁହଟୋପା,
ଶୀତ ମତୁଆଲା ଛୁଟିଦିନ ପାଲା
ମନତଳ ମୋହ ଚପା ।

ଶୀତ ଚିଲିକାର ନୀଳଢେଉ ଛୁଆଁ
ନଳବଣ ମିଠାଗପ,
ପରଦେଶୀ ପକ୍ଷୀ ଚକିତ ଚାହାଣି
ଦୂର କାଳିଜାଇ ଦ୍ୱୀପ ।

ଶୀତ ତୋ ଛାତିର ବଉଳ ବାସନା
ତମ ଗାଁ ମନେଇ ନଈ,
ଶୀତ ତୋ'  ଓଠର କୁନି କଳାଜାଇ
ଯା'ରେ ମୁଁ ପାରେନା ଛୁଇଁ ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର



# ଶୀତର ଗଜଲ...

## ରମେଶ ମଙ୍ଗରାଜ

ଶୀତ ପାହାନ୍ତିର କୋହଲା ଶେଯରେ
ଥୁରୁଥୁରୁ ମନ ନେଇ
ସ୍ୱପ୍ନିଳ ଆଖିରେ ଅପେକ୍ଷା କରିଛି
ପ୍ରିୟା ଗୋ ତୁମରି ପାଇଁ
ହାଡଭଙ୍ଗା ଜାଡ ନାଗରା ପିଟୁଛି
ଗାଁଆରୁ ସହର ସାରା
ମଉଳି ଗଲାଣି ଆଶାର ଶେଫାଳି
ଖରା ତ ଦେଉନି ଧରା
ମୁଁ ଲେଖୁଛି ଏଠି ଶୀତର ଗଜଲ
ଦୁଃଖର ପ୍ରଲେପ ଦେଇ
ସ୍ୱପ୍ନିଳ ଆଖିରେ..... ||
ସାଇତି ରଖିଛି ଛାତି ଡ଼ାଇରୀରେ
ଦେଇଥିବା ପ୍ରତିଶୃତି
ତମେ କହିଥିଲ ବାହୁଡ଼ି ଆସିବ
ସାଥେ ନେଇ ଶୀତ ରାତି
ସଜ ହୋଇଲାଣି ଫେରିବାକୁ ଶୀତ
ହେଲେ ତୁମ ଦେଖା ନାହିଁ
ସ୍ୱପ୍ନିଳ ଆଖିରେ..... ||

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା



# ଶୀତ ଆସି ଫେରିଯାଏ

ବାବାଜୀ ଚରଣ ଜେନା

ନୂଆ ପ୍ରେମିକାଟି ପରି ଶୀତ ଆସି ଫେରିଯାଏ
ଟିକେ ଖାଲି ଛୁଇଁ ଦେଇ
ଅନ୍ଧାର ଭିତରେ ରହି କିରିକିରି ହସୁଥାଏ
ମହକକୁ ଛାଇଦେଇ ।୦।

ନଇଁଗଲା ପରେ ସନ୍ଧ୍ୟା
ଆସେ ସିଏ ଛପି ଛପି
ସମୟ ମୋ' ସାରା ଦିଏ
ମିଠା ମିଠା ଗପ ଗପି
ରାତି ଶେଷେ ଫେରିଯାଏ ଏକା କରି ଦେଇ ମୋତେ
ସ୍ୱପ୍ନ ରଙ୍ଗ ବୋଳିଦେଇ,,,,,।୧।

ନୀରବରେ ରହିଲେବି
ଆଖି ତା'ର କଥା କହେ
କେବେ ତା' ଦରଦୀ କଣ୍ଠେ
ଶୀତର ଗଜଲ୍ ଗାଏ
ମାଘର ବାଘୁଆ ଶୀତେ ନିଆଁ ସିଏ ଜାଳୁଥାଏ
ମୋ ପାଖରେ ବସି ରହି,,,,,।୨।

ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ



# ମଙ୍କି ଟୋପି

ଦିବାକର ନାୟକ

ଶୀତୁଆ ସକାଳେ ହିତ ପାଇଁ ଟିକେ
ଚୁପ୍ ଚୁପ୍ ଚାଲୁଥିଲି
ମଙ୍କି ଟୋପି ମୋ'ର ମିଳିଲାନି ବୋଲି
ମନେ ମନେ ରାଗୁଥିଲି ॥

ଭାବୁଥିଲି ଏଡେ ଶୀତରେ ବୁଲିଲେ
ସର୍ଦ୍ଦି ହୋଇଯିବ ମୋତେ
ହିତଠୁ ଅହିତ ବଳିଲେ କି ଲାଭ
ଥରୁଥିଲେ ଏଇ ଶୀତେ ॥

ଭାବନାର ଖିଅ ଛିଣ୍ଡିଗଲା ଆଉ
ଥମ୍ ହୋଇଗଲା ପାଦ
ସଡକ ପାର୍ଶ୍ୱରେ ଲୋକଟିକୁ ଦେଖି
ଆସିଲା କି ମୋତେ କାନ୍ଦ ॥

ଫଟା ଗାମୁଛାଟେ ଅଧା ଘୋଡିହୋଇ
ଆରାମେ ଶୋଇଛି ସିଏ
ଦେହେ ନାହିଁ ମାଂସ ହାଡଭଙ୍ଗା ଶୀତ
କେମିତି ସହୁଛି ହାଏ ॥

ଅଜାଣତେ ମୋର ସ୍କାର୍ଫ ତା' ଦେହେ
ଢାଙ୍କି ଦେଉ ଦେଉ ସତେ-
ସବୁ ଶୀତ ମୋର କାହିଁ ଚାଲିଗଲା
ଜଣା ପଡିଲାନି ମୋତେ ॥

ଓଠ ଶୁଖିଗଲା ଆଖି ଭିଜିଗଲା
ଲୋତକର କାକରରେ
ହୃଦୟରୁ କିବା ଆହା ପଦଟିଏ
ଝରିଗଲା ଅଜାଣରେ ॥

କିଏ ନର ଆଉ କିଏ ନାରାୟଣ
ଚିହ୍ନେଇଲା ଏଇ ଶୀତ
ମଙ୍କି ଟୋପି ମୋ'ର ମାଙ୍କଡ଼ଟା ନେଉ
ଆନ ହିତେ ନିଜ ହିତ ॥

ପାଟପୁର, କନିସି,
ଗଞ୍ଜାମ



# ଭାବନାରେ ଶୀତ ଋତୁ

**ଚପଳା ପଣ୍ଡା**

ଓଦା ଓଦା ଘାସ ବୁଦା
ଓଦା ଗଛ ପତର,
ପାହାନ୍ତିଆ ଜାଡ଼ ଲାଗି
ତନୁ ମନ କାକର।
ଖଟ ଖଟ ଦାନ୍ତ ପୁଞ୍ଜା
ଥୁରୁ ଥୁରୁ ଓଠରେ,
ଉହୁ ଉହୁ ସ୍ୱର ଶୁଭେ
ସକାଳୁଆ ଉଠାରେ।
ବହଳିଆ କମଳରେ
ଗହଳିଆ ସପନ,
ଜାକି ଜୁକି ବସିଯାନ୍ତି
ପାକଳିଆ ପରାଣ।
ହାତ ଗୋଡ଼ କୋଲ ମାରେ
ଫାଟିଯାଏ ଗୋଇଠି,
ଓଠ ଚାହେଁ ଚାହା ପାଣି
ମନ ଥାଏ ସେଇଠି।
କାମ ପାଇଁ କୁନ୍ଥୁ କୁନ୍ଥୁ
ଦେହ ଚାହେଁ ଗରମ,
ଖରା ଟିକେ ଦେଖିଦେଲେ
କୋଟି ନିଧି ମଲମ।

ନିଆଁ ପୁଆଁ କେଡ଼େ ମଜା
ଦେଖି ଆସ ଗାଆଁରେ,
ବାଟ ଘାଟ ଖଳା ବାଡ଼ି
ବିଲ ପାଟ କଡ଼ରେ।
ମିଠା ଲାଗେ ଖରା ବେଳ
ଶୀତ ଛାଇ ପରାସ,
ଛାତି ତଳ ଥରି ଉଠେ
ପଉଷର ପରଶ।
ଖରା ଦିନ ଆସିଗଲେ
ହେମନ୍ତକୁ ଖୋଜିବା,
ଶୀତ ଋତୁ କେତେ ଭଲ
ଚିନ୍ତନରେ ଥୋଇବା।
ସ୍ମୃତି ପରି ସାଇତିବା
ଛାଡ଼ି ଥିବା ଶୀତକୁ,
ସବୁଠାରୁ ଭଲ ହେବ
ଭାବ ଗ୍ରୀଷ୍ମ ତାତିକୁ।
ଭାବନାରେ ଭାବି ଦେଖ
ଥଣ୍ଡା ହେବ ଉଷୁମ,
ମନ ମୂଳେ ସବୁ କିଛି
ଇଚ୍ଛା ଆଣେ ଗରମ।

ଖୋର୍ଦ୍ଧା



# ଶୀତ ଆସେ

**ଜୟନ୍ତୀ ସ୍ୱାଇଁ**

ଶୀତ ଆସେ ହୀରାର ଝଲକ ନେଇ
ଶିଶିର ଟୋପାରେ..
ଶୀତ ଆସେ ସୁନାର କିରଣ ହେଇ
ଫିକା କୁହୁଡିଂରେ....॥
ଶୀତ ଆସେ ସବୁଜ ପସରା ନେଇ
ଫୁଲରେ ଫଳରେ....
ଶୀତ ଆସେ ଦେହରେ ଚାଦର ଦେଇ
କାକର ଶେଯରେ....॥
ଶୀତ ଆସେ ହସାଇ ବଗିଚା
ମାଳି ମନ ମୋହି
ଶୀତ ଆସେ ହସାଇ ଫସଲ
ହସେ ଚାଷୀ ଭାଇ....॥
ଶୀତ ଆସେ ମାଡ଼ି ମାଡ଼ି
ଥଣ୍ଡା ଥଣ୍ଡା ନିଃଶବ୍ଦ ରାତିରେ
ଶୋଇଯାଏ ରେଜେଇ କମ୍ବଳ ତଳେ
ମାଆ କୋଳେ ନିଘୋଡ଼ ନିଦରେ....॥

ବରାଙ୍ଗ, ଅସ୍ତରଙ୍ଗ,
ପୁରୀ

# ତିନିଟି ସ୍କେଚ୍ ଶୀତ ପାଇଁ

ସୁମିତା ବେହେରା ବାପି



(୧)

ଟାଣିଦେ, ବୋଉ ଲୋ!
ମୋ' ଉପରେ ହେଁସ
କାଲୁଆ ମୋ ଗୋଡ଼-ହାତ,
କାମକୁ ନଗଲେ
ବଡ଼ିଭୋ'ରୁ କାଲି
କୋଉଠୁ ମିଳିବ ଭାତ?

(୨)

ସୀମାନ୍ତ ପ୍ରହରୀ
ହାତରେ ବନ୍ଧୁକ
ଜାଗରୁକ ପ୍ରତିକ୍ଷଣ,
ତା'କୁ କି ଡରାଇ
ପାରିବୁ, ରେ ଶୀତ!
ମାତାର ବୀର ସନ୍ତାନ।

(୩)

ପ୍ରବାସୀ ପ୍ରିୟ ମୋ
ଭାରି ମନେପଡ଼
ବଡ଼ ଲମ୍ବା ଏଇ ରାତି,
ଶୀତ ଡରାଉଛି
ପ୍ରେୟସୀ ଖୋଜୁଛି
ପ୍ରିୟର ଉଷୁମ-ଛାତି।

ଭୁବନେଶ୍ୱର



# ମୋ' ଗାଆଁରେ ଶୀତ

ରମେଶ ଚନ୍ଦ୍ର ମିଶ୍ର

ସମ୍ଭ୍ରାନ୍ତ ଘରର ଏକ କୁଳବଧୂ ପରି
ଶୀତ ଆସେ ଛପି ଛପି ମୁହଁ ସଞ୍ଜବେଳେ
କଳାମେଘି ପାଟଶାଢ଼ୀ ପିନ୍ଧି
ଦେହକୁ ସମର୍ପି ଦିଏ
ପ୍ରେମିକର ଶରୀରରେ ଭରିଦିଏ
ତା ଦେହର ସମସ୍ତ ଉତ୍ତାପ
ଶୀତ ଆମଘରେ, ଆମ ବ୍ରାହ୍ମଣ ସାହିରେ
ସୁନାନାକୀ ବୋହୂଟିଏ ସିନା
ଆମ ଗାଁ ମୁଣ୍ଡ ଗୋଛାୟତ ସାହିରେ
ଫୁଙ୍ଗୁଳା ଦେହରେ
ପିଠିକୁ ଦେଖାଇ ବସିଥାଏ
ନିର୍ଲ୍ଲଜୀ ଭଳି
ସହିଯାଏ ଡହଡହ ଦେହର ଉତ୍ତାପ

ଶୀତ ଏମିତି ଏକ ସୁନ୍ଦରୀ ଯେ
ତା' ଯାଦୁ ଛୁଆଁରେ ପୁରୁଷଟା
ମେଣ୍ଢା ପାଲଟିଯାଏ
ଦୁନିଆଁର ସବୁ ପ୍ରଲୋଭନକୁ ଭୁଲି
ନିଜର ପୁରୁଷତ୍ୱକୁ ବନ୍ଧା ପକେଇ
ସୁନ୍ଦରୀର ହେମାଳ କୋଳରେ
କାତରରେ ଆପଣାକୁ ସମର୍ପି ଦିଏ
ଶିହରଣରେ ଶୀତଳ ଶିତ୍କାରର
ସ୍ୱର ତୋଳୁଥାଏ

ଶୀତ ଆମ ଗାଁ' କୁଆଁରୀ ମାଷ୍ଟ୍ରାଣୀ ଭଳି
ନିଜ ଦେହସାରା ମଣ୍ଡିହୁଏ ଫୁଲର ସାଜରେ
ଫୁଲରେ ତା ବହୁତ ଶରଧା
ଦିଶୁଥାଏ ଅଖଣ୍ଡ ଯୌବନା ବୃନ୍ଦାବନ ରାଧା
ଶୀତ ପୁରିଲା ପୁରିଲା ଦେହ ମନ ନେଇ
ମାଳିଘର ଝିଅଟିଏ ଭଳି
ତୁମ ମନକୁ ଚୋରୀ କରି ନିଏ
ମାନେନାହିଁ କାହାର ବି ବାଧା

ଶୀତ ଜୀବନଯାତ୍ରାର ଏକ ମାଇଲି ଖୁଣ୍ଟ
ମନକୁ ଦୃଢ଼ କରିବାର ଏକ ସାଧନାର ରାହା
ଶୀତ କକ୍ଷସ୍ଥଳକୁ ଛୁଇଁବାର ଏକ କେନ୍ଦ୍ରବିନ୍ଦୁ
ଜୀବନର ପ୍ରାପ୍ତି ଅପ୍ରାପ୍ତିରେ
ଅନୁଶୋଚନାରୁ ଦୂରେଇ ରଖିବାକୁ
ଆଣିଦିଏ ଅନୁକୂଳ ବାଆ
କେବେ ଭଗ୍ନୀ ତ କେବେ ଜାୟା
କେବେ ପୁଣି ସାଜିଥାଏ ମାଆ

ସମ୍ପାଦକ, ତ୍ରିଧାରା ସାହିତ୍ୟ ସଂସଦ
ବଇଣ୍ଡା, ଅନୁଗୋଳ



# ଶୀତ ସକାଳ ଓ ସଞ୍ଜ

ସୁଲୋଚନା ସ୍ୱାଇଁ


ଶୀତ ସକାଳ

ଶୀତ ସକାଳରେ କାର୍ତ୍ତିକ ବ୍ରତ
କରିଥାଏ ବୁଢ଼ୀ ମାଆ...
ପୁଷ୍କରିଣୀ ଜଳେ ବୁଡ଼ ପକାଇଣ
ଥରି ଥରି ଆସେ ଆହାଃ... ॥
ଚଉରା ମୂଳରେ ମୁରୁଜ ପକାଇ
ପୂଜେ ରାଧା ଦାମୋଦର...
ନଇଁ ନଇଁ କରି ପାଦେ ଚାଲି ଚାଲି
ଦର୍ଶନ କରଇ ହର.. ॥
ଘାସ ଗାଲିଚାରେ ମୁକ୍ତା ପରି ଦିଶେ
ଶିଶିରର ଜଳକଣା..
ଧୂଆଁଳିଆ ଦିଶେ ରାସ୍ତା ବାଟଘାଟ
ପଥଚାରୀ ହୁଏ ବଣା.. ॥
ପ୍ରତ୍ୟୁଷରୁ ଉଠି ପ୍ରାତଃ ଭ୍ରମଣରେ
ବାହାରନ୍ତି ଦଳଦଳ...
ଶୀତଳ ସମୀର ପରଶରେ ପୁଣି
ବୃଦ୍ଧି ହୁଏ ମନୋବଳ.. ॥
କଅଁଳିଆ ଖରା ପଡିଲେ ହୁଅଇ
ଦେହ ମନ ପ୍ରଫୁଲ୍ଲିତ...
ଆଳସ୍ୟ ପଣକୁ ଦୂର କରେ ଏହା
ଶରୀର ପାଇଁକି ହିତ... ॥

ଶୀତ ସଞ୍ଜ

ପୁନିଅଁ ତିଥିରେ ଚାନ୍ଦ ମୁହଁ ଲୁଚେ
ଶିଶିର ଚାଦର ତଳେ..
ଚୁଲିମୂଳେ ବସି ନିଆଁ ପୋଇଥାଉ
ବସି ବୁଢ଼ୀ ମାଆ କୋଳେ.. ॥
ଗରମ ଗରମ ଭାତ ତରକାରୀ
ପରଶି ଦିଅଇ ମାଆ
ଜୀବନର ଏଇ କ୍ଲାନ୍ତ ଅପରାହ୍ନେ
ଝୁରୁଛି ମୁଁ ଆଜି ଯାହା.. ॥
ଫେରି ଆସନ୍ତା କି ସେହି ପିଲାଦିନ
ଯାଆନ୍ତି ମୁଁ ଶିଶୁ ହୋଇ..
ମାଆ ପଣତରେ ଘୋଡାଇ ହୋଇଣ
ଜହ୍ନକୁ ଦେଖନ୍ତି ମୁହିଁ... ॥

ବରାଙ୍ଗ, ଅସ୍ତରଙ୍ଗ,
ପୁରୀ



# ହାଡ଼ଭଙ୍ଗା ଜାଡ଼

ହରିବନ୍ଧୁ ମଙ୍ଗରାଜ

ଅମାନିଆ ମନ ବୁଝୁନାହିଁ ଜମା
ଶୀତୁଆ ରାତିର ମୋହ
ସଞ୍ଜ ନଇଁଗଲେ ପଶ୍ଚିମା ଆକାଶେ
ପ୍ରୀତି ଢ଼ାଳୁ ଥାଇ ଲୁହ............(୦)

ଥୁରୁ ଥୁରୁ ହୋଇ ଛାତି ଜାବୁଡ଼ଇ
ପ୍ରିୟା ବସି ଘର କଣେ
ଘରକାମ ସାରି ଶେଯରେ ଲୋଟିଲେ
ସ୍ମୃତି ତା'ର ପଡ଼େ ମନେ
ସୋହାଗ ରାତିଟା କାଲି ପରି ଲାଗେ
ପତି ବିରହରେ କୋହ
ଅମାନିଆ ମନ......................(୧)

ହାଡ଼ ଭଙ୍ଗା ଜାଡ଼ ରତି ରଙ୍କା ଝଡ଼
ଦରାଣ୍ଡେ ଚାଦର କୋଡ଼
ନିଶି ଅଧଟାରେ ଅଳସୀ ହାଇରେ
ଲୁଚାଏ ତରୁଣୀ ଗୋଡ଼
ଜାକିଯୁକି ହୋଇ ମନମାରି ଦେଇ
ତକିଆରେ ମାଡ଼େ ମୁହଁ
ଅମାନିଆ ମନ......................(୨)

ଶାସ୍ତ୍ରୀ ନଗର,
ଭୁବନେଶ୍ୱର

# ଆସୁଛି ଛଇଳ ଶୀତ

ତାରାପ୍ରସାଦ ଜେନା



ଭଲ ପାଇବାର ଝୋଟି ଚିତା ଦେଖି
ଆସୁଛି ଛଇଳ ଶୀତ
ସୋରିଷ ଫୁଲର ହାଟ ବସିଥିଲା
ଅମଳ ସୁନାର କ୍ଷେତ
......ଭଲ ପାଇବାର ଝୋଟି ଚିତା ଦେଖି ..... ! ୦ !

ଗରମ ରେଜେଇ କାଲୁଆ ଲାଗୁଛି, ସରମ ହେଉନି ଊଣା
ମନର ଉଷୁମ ଖୋଜିଲା ବେଳକୁ ପ୍ରେମଟା ହେଉଛି ବଣା,
ଘର ଭୁଆସୁଣୀ ବାଟ ଚାହିଁଅଛି ପ୍ରବାସୀ ପରାଣ ମିତ
......ଭଲ ପାଇବାର ଝୋଟି ଚିତା ଦେଖି ..... ! ୧ !

ଶୀତର ଛୁଆଁରେ ଓଠ ପାଦ ଫାଟି କଅଁଳ କଠିନ ସଖୀ
ଓଠର ଚୁମ୍ବନ ଉଷୁମ ଲୋଡୁଛି ଶୀତକୁ ପଛକୁ ରଖି,
କଜ୍ଜଳପାତିର ଭଦର ବାରତା ହେବକି ଏମିତି ସତ
......ଭଲ ପାଇବାର ଝୋଟି ଚିତା ଦେଖି ..... ! ୨ !

ସୁଖ କାକରର ମୁକୁତାକୁ ଆଣି ଶୀତର ଟହଲ ଭାରି
କୁହେଳିରେ ଭରା ଅଭିମାନୀ ପ୍ରିୟା କଥାକୁ ଚାପୁଛି ଠାରି,
ଛାତିରେ ରଖିବ ମୁଣ୍ଡ ବୋଲି ଟିକେ ଗେଲେଇ ଛାଟୁଛି ହାତ
......ଭଲ ପାଇବାର ଝୋଟି ଚିତା ଦେଖି ..... ! ୩ !

ରଣପୁର (ଗୋଡ଼ିପାଟଣା ସାହି),
ରାଜ ରଣପୁର,
ନୟାଗଡ଼



# ଶୀତର ତାତି

ଛବିରାଣୀ ପତି

ତୁମ ଭିତରେ ଏତେ ସ୍ନେହ
ଏତେ ଭଲ ପାଇବା ......!!
ଓଃ....,,,
ହୃଦୟରେ ଭିଡ଼ ବାନ୍ଧନ୍ତି ଇଛାମାନ
ତୁମକୁ ଟିକେ ପାଖେ ପାଇବାକୁ ।

ଇଚ୍ଛା ହୁଏ ବୟସର ପାଚେରୀ ଡେଇଁ
ସମ୍ପର୍କର ନାନା ଇଆଡୁ ସିଆଡୁ
ଅଡୁଆ ଆବୁରୁ ଜାବୁରୁ ସୂତାକୁ ଛିଡ଼େଇ
ତୁମ ସାଥେ ଟିକେ ଛନ୍ଦି ହେବାକୁ ।

କେମିତି ବା ହେବନି କୁହ ତ ??
ପ୍ରଗଳ୍ଭା ନଦୀଟିଏ ହୋଇ ତୁମେ ମାଡ଼ିଆସ
ହାଡ଼ଭଙ୍ଗା ଶୀତୁଆ ରାତିର ଦ୍ୱିପ୍ରହରରେ !
ଯା ....,,,,
ଏଇଟା କଣ, ତୁମ ଆସିବାର ବେଳ...?

ତୁମେ ନା ' ଭାରି ଅଛ ...
ଯୌବନ କ୍ଷେତରୁ ଅମଳ କରିଥିବା
ମୋର ସବୁ ସୁନାର ଫସଲ
ଇଚ୍ଛା ହୁଏ....
ଉଜାଣି ବୟସଟା ଫିକା ପଡ଼ିବା ଆଗରୁ
ଓଜାଡ଼ି ଦିଅନ୍ତି ତୁମ ହାତ ଆଞ୍ଜୁଳିରେ!
ଆଉ......ସାଉଁଟି ନିଅନ୍ତି....
ଅନେକ ଅଭୁଲା ସ୍ମୃତି
ମୋ' ମନ ଆଇନାର ଉଷୁମ୍ କମ୍ବଳ ଭିତରେ ।

ମଧ୍ୟଶାସନ , ବିରିଡ଼ି, ଜଗତସିଂହପୁର

# ଶୀତ



**ପୁଷ୍ପାଞ୍ଜଳି ପଣ୍ଡା**

ହୁଏତ ମୁଁ ବଖାଣିପାରେ
କରିପାରେ ଶୀତ ଋତୁର ବର୍ଣ୍ଣନା
ମୋ ଢଙ୍ଗରେ।
ଶୀତ ପଡିଲେ, ଦେଖୁଥିଲି
ଜାଡୁଆ ଟାଣୁଆ କଅଁଳିଆ  ଖରାରେ
ଶୁଖୁଥିବା କମ୍ବଳ କନ୍ଥା ଭିତରୁ
ଗୋଟିଏ ଶେଷ ପିଢ଼ିକୁ,
ଲାଞ୍ଜ ହଲାଉଥିବା ପୁଷିର
ମାଟି ଚୁଲିରେ ଉଷୁମ ଟାଣିବାକୁ,
ବଡ଼ବୋଉର ବାଡ଼ି ଖଳାରେ
ଧାନ ଉଁଷା ହାଣ୍ଡିରୁ
ହାତନଳୀ ପିଠିର ବାସ୍ନାକୁ।
ହୁଏତ କିଛି ଶୀତଦିନିଆଁ
ସମୟ କାଟିଛି ବୋଲି କହିପାରେ
ଆଇମା' କୋଳରେ ଧନୁମୁଆଁ ସୁଆଦକୁ।।

କାକର ଭିଜା ଶୀତୁଆ ରାତିରେ
ଗଙ୍ଗଶିଉଳିର
ଅଦୃଶ୍ୟ ଅଭିସାର କଥା
ହୁଏତ କହି ପାରେ,
ସନ୍ଧ୍ୟା ପହରଉରୁ
ଆକାଶ ଯାଏ ଲମ୍ବିଥିବା
ଧୂଆଁଳିଆ କୁହୁଡିର
ଶୀତୁଳିଆ ଆସ୍ତରଣଟିକୁ
ଦେଖିଛି ବୋଲି ମନେପକାଇ ବି ପାରେ।।

ନ କହି ବି ପାରେ
ଥୁରୁ ଥୁରୁ ଜାଡ଼ କଥା
ରୂପାରଙ୍ଗର କାକର ଫୁଲିଆ ମୋତିରେ
କେମିତି ସଜେଇ ହୋଇପାରେ ଧରା।
ଶୀତର ସମ୍ମୋହକ ମନ୍ତ୍ରରେ
କେମିତି ଧିରେ ଧିରେ
ଅସ୍ତରାଗର ଗୋଧୂଳି
ନୃତ୍ୟ କରୁଥିଲା ଗାଆଁର ଚତୁର୍ଦ୍ଦିଗ ମେଲି।।

କଣ୍ଠଥରା କୋହଲା ପବନ
ହୁଏତ ଗାଇବାକୁ ଦେଉ ନଥିଲା
ଶୀତ ଗୀତ ସେଦିନ।
ହେଲେ ଷୋରିଷ କ୍ଷେତକୁ
ସୁନାରଙ୍ଗରେ ବେଶ୍ ସଜାଉଥିଲା
ଠିକ୍ ଆଗପରି
ସବୁବର୍ଷ ପରି।
ଏବେ ତ  ଶୀତର
ଯିବା ଆସିବା ଢେର୍ କମ
ବଖାଣିବା ଅସହଜ
ଶୀତ ଗୀତ ଭୁଲି ଯାଉଛି ଜୀବନ
ପତ୍ରଝଡ଼ା ଋତୁର ଆରମ୍ଭରେ
ଶୀତ ଏବେ ବଦଳିଯିବାର ଋତୁ
ଖାଲି ଯାହା ସୂର୍ଯ୍ୟଙ୍କ ଉତ୍କଟ ଦହନ।।

**ଷ୍ଟାଟିଷ୍ଟିକାଲ୍ ଅଫିସର, କେନ୍ଦ୍ରାପଡ଼ା**

# ଶୀତ ଆସିଛି

ପ୍ରଦୀପ୍ତ କୁମାର ସାହୁ

ଧୂଆଁ ଆଉ ଧୂଆଁ
ଚାରିଆଡ଼େ ଧୂଆଁ ଆଉ ଧୂଆଁ
ଘନ କୁହୁଡ଼ିର ବହଳ ଆସ୍ତରଣ
ଉତ୍ତରା ବାଆରେ ଶୀତଳ ଶିହରଣ
ତୁଷାର ବଳୟ ତଳେ
ଘର କିଏ ବାନ୍ଧିଛି
ଅଙ୍ଗେ ଅଙ୍ଗେ ରୋମାଞ୍ଚକ ବେପଥୁ
ସତେ କିଏ କୁହୁକ କରିଛି
କାହିଁକି କେଜାଣି
ସବୁ କିଛି ନୂଆ ନୂଆ ଲାଗୁଛି,
ବୋଧେ ଶୀତ ଆସିଛି ।।

ନିଦୁଆ ନିଦୁଆ ଏ
ଅଳସୁଆ ପ୍ରହରରେ
ସବୁଜିମା ଶୋଇଛିକି
ସିତାଭ୍ର ଚାଦର ତଳେ
ଥର ଥର ଅଧରରେ
ଦର ଦର ଭାଷା
ଧୂଆଁ ଉଠେ ପ୍ରତି ନିଶ୍ୱାସରେ,
ନିସୃତ ପ୍ରତିଟି ଶବ୍ଦରେ
ଅନ୍ତରଟା ଥରିଯାଏ ଶୀତଳ ଛୁଆଁରେ
ଉଷୁମ ପରଶ ଟିକେ
ମନ କାହିଁ ଖୋଜୁଛି
ବୋଧେ ଶୀତ ଆସିଛି ।।

ଖସିପଡେ ଟୋପା ଟୋପା
ଶିଶିରର ମୋତି
ବୃକ୍ଷରାଜି ପତ୍ର ଧାରେ ଧାରେ
କିଏ ଆସି ଢାଳି ଦେଇଗଲା
ରୁପାର ପରଳ
ଘାସର ଏ ଗାଲିଚାରେ
ବିରାମ ଲାଗିଛି
କିବା ସମୟ ଘଡ଼ିରେ
ସକାଳ ବି ଚେଇଁବାକୁ
ଡେରି ଏତେ ହେଉଛି
ବୋଧେ ଶୀତ ଆସିଛି ।।

ଶୁଭ୍ରାଙ୍ଗୀ ପ୍ରାଚୀର ଓଢଣୀ ଖସେଇ
ସୁନେଲି କିରଣ ପଡ଼ିଲା ବିଛେଇ
ଧୀରେ ଧୀରେ ଅପସରେ
ଧୂଆଁର ବଳୟ
ଉତ୍ତୁରେ ଶୀତର ଚାଦର
ଭରିଯାଏ ଫୁଲ
ଆଉ ରଙ୍ଗର ଫୁଆର
ପୁଲକିତ ତନୁମନ
ପୁଲକିତ ତରୁଲତା
ଶାଖାରେ ଶାଖାରେ କିଏ
କଅଁଳ ଖରାର ଉଷ୍ମତା ଦେଇଛି
ବୋଧେ ଶୀତ ଆସିଛି ।।

ହରିଦ୍ରା ରଙ୍ଗର ଛଟା
ସୋରିଷ ଫୁଲରେ
ଲତା ବଲ୍ଲରୀ ଶୋହେ
ଗଙ୍ଗଶିଉଳିରେ
ସୁନାର ଲହରୀ ଖେଳେ
ଧାନକ୍ଷେତ ଗହୀରରେ
ସହଳ ସହଳ ସଞ୍ଜ ଆସେ ନଇଁ
ତମସା ସାଉଁଟି ଶୀତ ସବାରୀରେ
କମି କମି ଯାଏ ସିନା ଦିନର ଆୟୁଷ
ରାତି କାହିଁ ବଢି ବଢି ଯାଉଛି
ବୋଧେ ଶୀତ ଆସିଛି ।।

ଋତୁ ପରେ ଋତୁ ଆସେ
ସମୟର ଶିଡ଼ିରେ ଓହ୍ଲାଇ
ନୂଆ ରୂପ, ନୂଆ ରଙ୍ଗ
ନୂଆ ନୂଆ ସମ୍ଭାର ନେଇ
କେବେ ଖରା, କେବେ ବର୍ଷା,
କେବେ ଶୀତ,
କେବେ ପୁଣି ଆସଇ ବସନ୍ତ
ଗଡ଼ି ଚାଲେ ସମୟ ବି
ବଢ଼ି ଚାଲେ ଜୀବନର ରଥ
ଚଲାପଥ ଲମ୍ବିଛି ଆଗକୁ ଆଗକୁ
ଫେରିବାକୁ ରାସ୍ତା ନାହିଁ କିଛି
ହଁ ଶୀତ ଆସିଛି,
ହଁ ଶୀତ ଆସିଛି ।।

ଭୁବନେଶ୍ୱର

# ଶୀତ

ମନୋରଞ୍ଜନ ଦଳେଇ

ଶୀତ ଆସୁଅଛି ପଉଷ ଯାନରେ
ଧରିତ୍ରୀକୁ ଝୁଲି ଝୁଲି,
ଯେହ୍ନେ ନୂଆ ବୋହୂ ସବାରୀରେ ଆସେ
ଅଗଣାରେ ହଲି ହଲି। (୧)

ଶିଶିର ପଡ଼ଇ ଧରିତ୍ରୀ ଉପରେ
ଶୀତ ଭରା ରଜନୀରେ,
ସତେ ଚନ୍ଦ୍ର ଦେବ ଅମୃତ ବର୍ଷିଲେ
ସମୀରର ପାଲିଙ୍କିରେ। (୨)

କଳା କିଟିମିଟି ରାତିରେ ଶୁଭଇ
ନିଶାଚର ଗରଜନ,
ବଡ଼ ଶୀତ ରାତି ଭାରି ଭୟାନକ
ଲାଗେ ସଦା ଜନଶୂନ୍ୟ। (୩)

ଶୀତ ସକାଳର କଅଁଳ ଖରାର
ତାତି ଭାରି ମନୋହର,
ଧାନ କ୍ଷେତେ ଚାଷୀ ଧାନ କାଟୁଥାଏ
ଗୀତ ଗାଇ ବାରମ୍ବାର। (୪)

ଶୀତ ସକାଳର ପଖାଳ କଂସାକୁ
ବଡ଼ି ଚୁରା, ଶାଗ ଭଜା,
ଓଡ଼ିଆ ଖାଇବା ଏ ଶୀତ ଋତୁରେ
ସବୁଠାରୁ ଲାଗେ ମଜା। (୫)

ମାଘ ମାସେ ବାଘ ଶୀତ ହୁଏ ବୋଲି
ଜାଣନ୍ତି ଓଡ଼ିଶାବାସୀ,
ମାତ୍ର ଏ ଶୀତରେ ପରବ ପାଳନ୍ତି
ହୋଇଣ ସଭିଏଁ ଖୁସି। (୬)

ଶୀତକୁ ତଡ଼ଇ ଆମ୍ର ଡାଳେ ବସି
ସତେ ବସନ୍ତ କୋଇଲି,
ରାଧା,କୃଷ୍ଣ ସଙ୍ଗେ ଫଗୁଣରେ ଫଗୁ
ହରଷେ ଖେଳିବ ବୋଲି। (୭)

ପତନିବର, ସାରୁଅ,
ବେଗୁନିଆ, ଖୋର୍ଦ୍ଧା



# ଆସିଛି ଶୀତ

**ମଧୁଛନ୍ଦା ଦାଶ**

ହେମନ୍ତର ଅନ୍ତେ ପ୍ରବେଶିଲା ଶୀତ
ସୁଷମା ଶୋଭିତ ଧରା
ସ୍ୱର୍ଣ୍ଣକାନ୍ତି ଶସ୍ୟ ହସଇ କ୍ଷେତରେ
ଦିଶେ ମନୋରମ ପରା ।

ଶିଶିର ପରଶେ କେଦାର କାନନ
ଦିଶଇ ବିବିଧ ବର୍ଣ୍ଣା
ନାନା ଜାତି ପୁଷ୍ପ ଗଭାରେ ସଜାଇ
ଧରଣୀ ହୋଇଛି ଧନ୍ୟା ।

ଘନ କୁହୁଡ଼ିର ଆସ୍ତରଣ ତଳେ
ପୁରପଲ୍ଲୀ ଯାଏ ହଜି
ଉଦିତ ରବିର ସ୍ୱର୍ଣ୍ଣିମ ଆଭାରେ
ଠିକଣା ପାଏ ତା' ଖୋଜି ।

କାକର ଶୋଭିତ ସିକ୍ତ ଦୁର୍ବାଦଳ
ମୁକ୍ତା ସମ ଭ୍ରମ ଆଣେ
ଶୀତର ଆସରେ ବିମଣ୍ଡିତ ଧରା
କୋଟି ଜନ ମନ ଜିଣେ ।

ଶୀତ ସକାଳର ପାହାନ୍ତି ପ୍ରହରେ
ନିଦ ମାଉସୀଟି ଆସେ
ତନ୍ଦ୍ରାଭରା ତା'ର ଅଳସୀ ପଣତେ
ପ୍ରୀତି ଛୁଆଁ ଦିଏ ହରଷେ ।

ଦିବସର ଅନ୍ତେ ଶୀତର ପ୍ରକୋପେ
ରଜନୀ ଯେ ଜର୍ଜରିତା
ନିଜ କର୍ମ ସାରି ଲୋଡ଼ନ୍ତି ସଭିଏଁ
ଉଷ୍ମ ଶେଜର ମଜା ।

ଶୁଭ ସାୟଂକାଳେ ଦୂର ଦେବାଳୟେ
ଶୁଭେ ଘଣ୍ଟି ଶଙ୍ଖ ନାଦ
ସୁଧୀଜନେ ଗାଇ ଭାଗବତ କଥା
ପଦରେ ମିଶାଇ ପଦ ।

ମଧୁ କାକଳୀରେ ନିନାଦିତ ଧରା
ଦୂରେ ଶୁଭେ ବଂଶୀ ସ୍ୱନ
ଧେନୁପଲ ସଙ୍ଗେ ଗ୍ରାମ ଗୋପାଳଟି
ଫେରଇ ନିଜ ସଦନ ।

ସାଙ୍ଗସାଥୀ ମେଳେ ବଣଭୋଜି ମଜା
ଅଟଇ ବଡ଼ ନିଆରା
ପ୍ରକୃତିର କୋଳେ ସଭିଏଁ ନିଜକୁ
ହଜାଇ ଦିଅନ୍ତି ପରା ।

କଅଁଳ ଖରାର ପରଶ ଲଭିଣ
ତନୁମନ ପ୍ରଫୁଲ୍ଲିତ
ପ୍ରାତଃଭ୍ରମଣରେ ବାହାରନ୍ତି ସର୍ବେ
ଦେହ ପାଇଁ ଅଟେ ହିତ ।

ଶୀତର ଆଗମେ ଦେବୀ ପଦ୍ମାଳୟା
ପୁରେ ପୁରେ ବିରାଜନ୍ତି
ମାତାଙ୍କ ଆଶୀଷେ ସୁଖ ସମୃଦ୍ଧିରେ
ସଭିଏଁ କାଳ କାଟନ୍ତି ।

ରାତ୍ରି ଆସେ ନଇଁ ଶୀତର ପ୍ରଭାବେ
ନିଶବ୍ଦ ସଂସାର ସାରା
ନିର୍ମଳ ଗଗନେ ଶୁଭ୍ର ଜୋଛନାରେ
ହସେ ଅଗଣିତ ତାରା ।

ନିୟତି ଚକ୍ରରେ ବନ୍ଧା ଏ ଜଗତ
ଋତୁ ଆସେ ଋତୁ ଯାଏ
ଚିରବସନ୍ତର ଆବାହନୀ ଗାଇ
ଶୀତ ଅପସରି ଯାଏ ।

ଭୁବନେଶ୍ୱର

# ଶୀତ ଆସେ ଥରି ଥରି

ସୁରାତ୍ରୀ ପ୍ରଧାନ

ସୋରିଷ ଫୁଲର ହଳଦୀ ରଙ୍ଗରେ
ହସୁଛି ସୁନାର କ୍ଷେତ
ଶୀତଳ ପରଶ ଛୁଇଁ ଛୁଇଁ ଯାଏ
ମନ ହୁଏ ପୁଲ୍ଲକିତ ।।

କାକର ଟୋପାରେ ଝରୁଛି ଶେଫାଳି
ଗାଉଛି କରୁଣ ଗୀତି
ପତରେ ପତରେ ଶୋଭା ପାଉଅଛି
ନାନା ରଙ୍ଗ ଫୁଲ ଜାତି ।।

ମହା କାର୍ତ୍ତିକରେ ବୋଇତ ବନ୍ଦାଣ
ମାଣ ଖୋଟି ମାର୍ଗଶିରେ
ମକରର ଗୁଡ଼ି ବସନ୍ତ ପଞ୍ଚମୀ
ଏ ଋତୁରେ ଶୋଭା ଭରେ ।।

ଲୁଚିଯାଏ କାହିଁ ଜହ୍ନର ଜୋଛନା
ଶିଶିର ଚାଦର ତଳେ
ଗୋଲାପ ରାଣୀର ଅପୂର୍ବ ସମ୍ଭାର
ନାଚୁଥାଏ ତାଳେ ତାଳେ ।।

ଶୀତ ସକାଳର କଅଁଳ ଖରାରେ
ହସି ଉଠୁଅଛି ଧରା
ଘାସ ଗାଲିଚାରେ ମୁକୁତା ଓଢଣୀ
କେତେ ମନୋରମ ପରା ।।

ଧୂଆଁ ଧୂଆଁ ନୀଳ ଗଗନ  ଶୋଭନ୍ତି
ଧୂଆଁ ଏ ଦିଗ୍ ବଳୟ
ସମୀରେ ସମୀରେ ବହୁଅଛି ବାଆ
ଶିହରି ଉଠଇ କାୟ ।।

ଶୀତଳ ଲହରୀ ହୁଏ ଦୋଳାୟିତ
ଆସଇ ଧରଣୀ ପାଶେ
ସ୍ୱାଗତ କରଇ ଧରଣୀ ରାଣୀ ଏ
ହୃଦୟ ଦୁଆର ଦେଶେ ।।

କୁସୁପୁର, ଗୋପ,
ପୁରୀ



# ଆମ ଗାଁରେ ଶୀତ

**ବିଳାସିନୀ ଦାଶ**

ଶିଶିର ସବାରି ଭିତରୁ ଓହ୍ଲାଇ
ପୁଆଣି ବୋହୂଟି ପରି
ଶୀତ ଆସିଅଛି ଆମରି ଗାଆଁକୁ
ବହୁ ଭାର ଥୋର ଧରି ।
କ୍ଷେତରେ ଖଳାରେ ସୁନାରଙ୍ଗୀ ଧାନ
ଜମା ହୋଇଅଛି କେତେ,
ମୁଗ, ବିରି, ରାଶି, କୋଳଥ, ସୋରିଷ
କୋଠି ଖୋଲି ଅଛି କ୍ଷେତେ ।
କିଆରି କିଆରି ଆଳୁ, ମୂଳା, କୋବି
ପରିବା ଜାତିକି ଜାତି,
ରନ୍ଧା ଗୁଡ଼ ବାସ୍ନା ମହକି ଉଠୁଛି
ଆଖୁ ଶାଳେ ଭିଡ଼ ନିତି ।
ପିଢ଼ାରେ ଶୋଇଛି ପାଣି କଖାରୁଟି
ବେଜାଏ ପାଉଁଶ ମାଖି,
ସଜନା ସୁନ୍ଦରୀ ବଜାର ମେଲିଛି
ଫୁଲ ଛୁଇଁ ଡାଳେ ରଖି ।
ହାଡ଼ ଭଙ୍ଗା ଜାଡ଼ ପଞ୍ଜରା ଥରାଏ
ଶୀତବାସ ପଡ଼େ ଲୋଡ଼ା,
ନିଆଁ ପୋଇଁଥାନ୍ତି ଗାଁ ପିଲା ମିଶି
ଜାଳି କାଠି କୁଟା ନଡ଼ା ।
ସକାଳ କୁହୁଡ଼ି ଚାଦର ଉଢ଼ାଳୁ
ରବି ଉଇଁ ଆସେ ଥିରି,
ଉତିଆଣୀ ଖରା ବାଟେ ଘାଟେ ଦୌଡ଼େ
କଅଁଳା ବାଛୁରୀ ପରି ।

ମଣ୍ଡା, ଗେଣ୍ଡୁ, କୁନ୍ଦ, ଡରାଟ, ଟଗର
ବାଟିକା ଗହଳି ଭାରି,
ବାତୁଳ ଭଅଁର ବୁଲେ ଏଣେ ତେଣେ
ଅଧରରେ ମଧୁ ଭରି ।
ଉତ୍ତରା ପବନ ବହେ ଶିରି ଶିରି
କାଲୁଆ ପୋଖରୀ ପାଣି,
ମଙ୍ଗଳ ଆଳତି ଗାଁ ମନ୍ଦିରରେ
ଘଣ୍ଟି ଶୁଭେ ଟିଣି ଟିଣି ।
ଘଞ୍ଚ ତୋଟା ମାଳେ ଗାଇଆଳ ପିଲା
ବଇଁଶୀର ସୁର ଧରେ,
କୁହୁଡ଼ି, କାକର, ଖରା ସହି ଚାଷୀ
ଖଟଣିରେ ଦିନ ସରେ ।
ଶୀତର ପରଶେ ପର୍ବ ପର୍ବାଣିରେ
ସୁଆଦିଆ ପିଠା ପଣା,
ବକୁଳ ମଣ୍ଡା ଓ ମକର ଚାଉଳ
ସୁଆଦ ସଭିଙ୍କୁ ଜଣା ।
କୁହୁଡ଼ିଆ ସଞ୍ଜ ମାଛି ଅନ୍ଧାରରେ
ଆଶା ସଞ୍ଜଦୀପ ଜାଳି,
ପରବାସୀ ପ୍ରିୟ ପାଇଁ ଗ୍ରାମ୍ୟ ବଧୂ
ହେଉଥାଏ ନିଉଛାଳି ।
ଆମ ଗାଆଁ ଶୀତ ଅତି ଖୁସିଆଳି
ଯାଏ ଯେବେ ଅପସରି,
ଆସନ୍ତା ଶୀତକୁ ବାଟ ଚାହିଁ ବସୁ
ସଜଳ ସ୍ମୃତିକୁ ଝୁରି ।

ମଧୁସୂଦନ ନଗର,
ଖୋର୍ଦ୍ଧା

# ଶୀତ ଆଗମନ

କାହ୍ନୁଚରଣ ମିଶ୍ର



ହେମନ୍ତର ଅନ୍ତେ ଆସଇ ମରତେ
ପଞ୍ଚମ ସ୍ଥାନରେ ଶୀତ
ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟିର ବିଚାର
ଦେଖେ ଏ ସାରା ଜଗତ ।
ଏହିପରି ଶକ୍ତି ନାହିଁତ କାହାର
ଋତୁ ବଦଳିବା ପାଇଁ
ଶୀତତାପ ଯନ୍ତ୍ର ଯେତେ ଖଞ୍ଜି ଦେଲେ
ଏପରି ହୋଇବ ନାଇଁ ।
ଖୋଲା ମେଲା ଶୀତ ଚାରିଆଡ଼େ ଦେଖ
କରୁଛନ୍ତି ଜଣେ ଜାଣ
ସିଏତ ଅଟନ୍ତି ଜଗତ କରତା
ସ୍ୱୟଂ ପ୍ରଭୁ ନାରାୟଣ ।
ଶୀତ ଦିନେ ଖାଦ୍ୟ ପିଠାପଣା ଆଦି
ସହଜେ ନଷ୍ଟ ହୁଏନି
ଶୀତବସ୍ତ୍ରମାନ ପରିଧାନ କଲେ
ଶରୀରୁ ସ୍ୱେଦ ବୁହେନି ।
ଶୀତଦିନେ ଦିନ ହୋଇଥାଏ ଛୋଟ
ରାତି ହୋଇଥାଏ ବଡ଼
ସକାଳେ ସଞ୍ଜରେ ଚା' ଦୋକାନରେ
ଲୋକଙ୍କ ଲାଗଇ ଭିଡ଼ ।
ଓଢ଼ଣ ଷଷ୍ଠୀଠୁ ଶୀତର ପ୍ରକୋପ
ଆସ୍ତେ ଆସ୍ତେ ବଢ଼ିଯାଏ
ସେ ଯୋଗୁ ପ୍ରଭୁଙ୍କୁ ଘୋଡ଼ବସ୍ତ୍ରମାନ
ଲାଗି କରାଯାଇଥାଏ ।

ଗାଆଁ ଗହଳିରେ କେତେ କେତେ ପିଲା
ପୁଆଁଇ ଥାଆନ୍ତି ନିଆଁ
ଆଉ କିଏ ସବୁ ଦାମୀ ଶୀତବସ୍ତ୍ର
ପିନ୍ଧି ମାରୁଥାନ୍ତି ଡିଆଁ ।
ସୂର୍ଯ୍ୟଙ୍କ କିରଣ ବାଜିଲେ ଦେହରେ
ଶୀତ ଛାଡ଼ି ଚାଲିଯାଏ
ସେଥିପାଇଁ ସବୁ ଶୀତୁଆ ସକାଳେ
ଖରା ପୋଇଁବାକୁ ହୁଏ ।
ମଣ୍ଡା ମକମଲ୍ଲୀ ଫୁଲ ଫୁଟିଥାଏ
ବାରି ବଗିଚା ମାଳରେ
କି ସୁନ୍ଦର ଶୋଭା ଦିଶଇ ଜଗତେ
ଦର୍ଶକ ମନକୁ ହରେ ।
ବଣଭୋଜି ପାଇଁ ପ୍ରକୃଷ୍ଟ ସମୟ
ଶୀତଋତୁ ଅଟେ ପରା
ବିଦେଶରୁ ପକ୍ଷୀ ଆସି ଭରିଯା'ନ୍ତି
ଚିଲିକା ହ୍ରଦଟି ସାରା ।
ଶୀତଋତୁଟିର ମଜାଟି ନିଆରା
ଅଟେ ସବୁ ଋତୁଠାରୁ
ଇଂରାଜୀ ନୂତନ ବରଷ ଆସିଲେ
ସମସ୍ତେ ସ୍ୱାଗତ କରୁ ।

ଟାଙ୍ଗି, ଖୋର୍ଦ୍ଧା



# ଦରଦୀ ରଜା

ଆରତି ମଞ୍ଜରୀ ଦାଶ

ପଉଷରେ ତୁ' ତ ଭାରି ସୁକୁମାର
ପୂରା ତୁ' ଶୀତର ଗେହ୍ଲା ----,
ଆଗମନ ତୋ'ର ବଡ଼ ଲଳିତ
ହିଲ୍ଲୋଳେ ତୋ' ନାହିଁ ବତାସ ଦାଉ
କିରଣେ ବି ନାହିଁ ଡହକ ତାଉ
ଦେହକୁ ସୁଖ
ଶୀତଳ ଶୀତଳ ତୋ'ର ପରଶ ।
ଆରେ ସୌଖୀନ ତୋ'ର
ରାଜ ରାଜେଶ୍ୱର ବେଶ,
ସ୍ୱର୍ଣ୍ଣ ଅଳଙ୍କାର ହଳଦୀ ପାଟ
ଖଳାରେ ଖଳାରେ ସୁବର୍ଣ୍ଣ ଶୋଭା
ବନେ ଉପବନେ ହଳଦୀ ବିଭା
ଗୋଲାପ ସେବତୀ ମଣ୍ଡାର ଆଭା
ବାଡ଼ିବଗିଚା ଭରା ପନିପରିବା ।

ପର୍ବପର୍ବାଣିରେ ତୋ' ଭାରି ଶରଧା
ବଡ଼ ରାଜକୀୟ
ଭୋଜନ ବ୍ୟଞ୍ଜନ ଠାଆ,
ମୁଆଁ ଅଟକାଳି କ୍ଷୀର ଗଇଁଠା
ମକର ଚାଉଳେ, ନାରିକେଳ
କ୍ଷୀର ପନିର ମିଶା, ନାନା ଫଳ
ସାଙ୍ଗେ ମରିଚ ଅଦାକୁ ଗୁଡ଼ ସରସା,
ଶାମ୍ବ ଦଶମୀର କ୍ଷୀରି କାକରା
ଘଡ଼ ଘଡ଼ ଘାଣ୍ଟ ଚକୁଳି ପିଠା
ପୁନିଅଁ ମଣ୍ଡା ଆହା କି ମିଠା
ପୁଷ୍ଟି ପ୍ରଦାନରେ ପାଳୁ ତୁ' ପ୍ରଜା
ତୁ'ରେ  ଦରଦୀ ରାଜା ---,
ହେଲେ କହିଲୁ,ଏ ଶୁଖିଲା କ୍ଷେତ
ଦିଶେ କାହିଁକିରେ
ଲୁହ କାକରେ ଭରା
ତା' କୋଳ ଜୁର କିଏ ସେ କଲା ?

ଗୁରୁଜଙ୍ଗ,
ଖୋରଧା

# ଶୀତ ଆସିଛି ଏଇ ମରତେ

ସଞ୍ଜୁକ୍ତା ଚମ୍ପତିରାୟ

ବରଷକ ବାରମାସ ଲୋ ସଜନୀ
ବରଷକ ବାରମାସ,
ଖରା ପରେ ବର୍ଷା ତା' ପରେ ଯେ ଶୀତ
ମରତେ କରେ ପ୍ରବେଶ।
କାକର ଟୋପାରେ ଘାସ ଗାଲିଚାଟି
ଦିଶଇ କେଡେ ସୁନ୍ଦର,
ନାନାରଙ୍ଗ ଫୁଲେ ବାଡି଼ ବଗିଚା ତ
ଦିଶେ କେଡ଼େ ମନୋହର।
ଚଷାଭାଇ ଏଠି ବରଷର କ୍ଷେତ
ଖୁସିରେ କାଟି ଆଣଇ,
ଘରେ ଘରେ ମା' ଲକ୍ଷ୍ମୀ ସାଆନ୍ତାଣୀ
ଝୋଟି ଚିତା ଯେ ପଡ଼ଇ।
କେତେ ଜାତି ପନିପରିବା ମିଳଇ
ତା' ସହ ସତେଜ ଫଳ,
ନୂଆ ନୂଆ ଯାଗା ବୁଲିବା ପାଇଁ କି
ପର୍ଯ୍ୟଟକ ମାଳମାଳ।

ବସନ୍ତ ପଞ୍ଚମୀ ତିଥିରେ ପଡ଼ଇ
ମାଆ ସରସ୍ୱତୀ ପୂଜା,
ମାଘ ସପ୍ତମୀରେ ଅର୍କ ତୀର୍ଥଠାରେ
ହୁଏ ବୁଡ଼ ପାଇଁ ସଜା।
ହେମାଳ ଶୀତରେ ସଭିଙ୍କ ପାଇଁକି
ଶୀତ ବସ୍ତ୍ର ହୁଏ ଲୋଡ଼ା,
ନିଆଁ ପୋଇଁ ପୁଣି ଉଷୁମ ନେବାକୁ
ଖୋଜେ ପିଲା ଠାରୁ ବୁଢ଼ା।
ବିଧିର ନିର୍ଦ୍ଦେଶେ ଧରାକୁ ଆସଇ
ଖରା ବର୍ଷା ପରେ ଶୀତ,
ସବୁ ଋତୁଙ୍କର ମଜା ଯେ ନିଆରା
ହସଇ ଏଇ ଜଗତ।

ଜଙ୍କିଆ,
ଖୋରଧା



# ଶୀତ

## ସୀମା ମେହେର

ଋତୁର ରାଣୀ
ତୁମ ଆଗମନରେ ପ୍ରକୃତି
ହୋଇ ଉଠେ ଉଲ୍ଲସିତ
ହାଡ଼ଭଙ୍ଗା ଥଣ୍ଡାରେ ବି
ମଣିଷ ହୁଏ ବିଭୋର
ନଈ ନାଳ, ଆକାଶ, ଭୂପୃଷ୍ଠ
ସବୁ ହୋଇ ଉଠେ ନିର୍ମଳ, ସୁନ୍ଦର॥

ଧିରେ ଧିରେ ତୁମେ
ହୋଇ ଯାଉଛ କ୍ଷୀଣ
ତୁମକୁ ଗିଳି ପକାଉଛି ଗ୍ରୀଷ୍ମ
ଉତ୍ତପ୍ତ କରି ପୃଥିବୀକୁ
ମାନବ ମନର ସବୁ ଶୀତଳତାକୁ
ପ୍ରଚଣ୍ଡ ରୌଦ୍ରତାପରେ ଜାଳି॥

ଲାଗୁଛି କିଛି ବର୍ଷ ପରେ
ଆସିବନି  ଧରା ପୃଷ୍ଠକୁ
ଜୀବଜଗତରେ ଆଣିବା ପାଇଁ ପୁଲକ
ଆଗାମୀ ପିଢ଼ି ତୁମ ସ୍ପର୍ଶରୁ
ରହିବେ ବଞ୍ଚିତ
ତୁମେ ରହିଯିବ ପଞ୍ଜିକା,
କାହାଣୀ ରେ ସୀମିତ॥

ବରଗଡ଼



# ଶୀତ ଆସେ

ନଳିନୀ ଦାଶ

ଶୀତ ଆସେ ଧରା ବୁକେ
ମନ ପ୍ରାଣ ହୁଏ ହରଷିତ
ଶୀତ ଆସେ ଖୁସି ବାଣ୍ଟେ
ଗାଇଗାଇ ମଧୁର ସଙ୍ଗୀତ
ଶୀତ ଆସେ ଝୁମିଝୁମି
ଧରଣୀକୁ ଫୁଲ ସବାରୀରେ
ଶୀତ ଆସେ ଚୁପି ଚୁପି
ପାଦ ରଖେ ଘର ଅଗଣାରେ
ଶୀତ ଆସେ ଝୁଲିଝୁଲି
ବନାନୀରୁ ପବନ ଦୋଳିରେ
ଶୀତ ଆସେ ଥିରିଥିରି
ଆମ ଗାଆଁ ନଈପଠା ଧାରେ
ଶୀତ ଆସେ ହସିହସି
ବାସ ଭରି ଗେଣ୍ଡୁ ବଗିଚାରେ
ଶୀତ ଆସେ ଥିରିଥିରି
ପାଚିଥିବା ଧାନର କ୍ଷେତରେ
ଶୀତ ଆସେ ନଇଁନଇଁ
ଗରିବର ଭଙ୍ଗା କୁଡ଼ିଆରେ

ଶୀତ ଆସେ ମାଡ଼ିମାଡ଼ି
ମୋ' ଗାଆଁର ପୋଖରୀ ତୁଠରେ
ଶୀତ ଆସେ ଧୀରେଧୀରେ
ଫୁଟିଥିବା ସୋରିଷ କ୍ଷେତରେ
ଶୀତ ଆସେ ନାଚିନାଚି
ମାଣବସା ପୂଜାର ଝୋଟିରେ
ଶୀତ ଆସେ ଛୁଇଁଛୁଇଁ
ଗାଁଆକୁ ମୋ' ସକାଳ ସଞ୍ଜରେ
ଶୀତ ଆସେ ଥରିଥରି
ପକ୍ଷୀଙ୍କର ତରୁ କୋରଡ଼ରେ
ଶୀତ ଆସେ ଶିରିଶିରି
ସବୁଜିମା ପରିବା ପଦାରେ
ଶୀତ ଆସେ କିରିକିରି
ହସି ଖେଳା କଲେଇ ଗଦାରେ
ଶୀତ ଆସେ ନଇଁନଇଁ
ଫୁଟିଥିବା ଫୁଲର ହାଟରେ
ଶୀତ ଆସେ ହଲି ହଲି
ଧରଣୀରେ ସବୁଜ ପାଟରେ

ଭିକାରିପଡା, ଶରଣକୁଳ,
ନୟାଗଡ଼

# ଶୀତ

## ମିନତୀ ଶତପଥୀ

ଚକ ବୁଲୁଥିଲେ ଅଖ ବୁଲୁଥାଏ
ବୁଲି ପଡୁଥାଏ ପହି,
ସମୟ ଚକ୍ରରେ ଋତୁ ପରେ ଋତୁ
ପୃଥିବୀକୁ ଯାଏ ଛୁଇଁ॥
ବିବିଧ ବର୍ଣ୍ଣରେ ଧରଣୀ ରାଣୀକୁ
ଶୋଭା ବିମଣ୍ଡିତ କରି,
ଯେ ଯାହା ବାଟରେ ନିଜ କର୍ମ ସାରି
ବାହୁଡ଼ନ୍ତି ନିଜ ପୁରୀ॥
ଏଇ ଏଇ ଲାଗେ ଯାଇଛି ହେମନ୍ତ
ଖେଳି କେତେ ଲୁଚକାଳି,
ଫୁଲେଇ ଶୀତଟା ଧସି ପଶିଗଲା
ଧରି ଚୋରା ଚଇତାଳି॥
ମୁକୁତା ଦୋଳିରେ ଝୁଲି ଝୁଲି ଆସି
ଯାଏ ଯେବେ ଛୁଇଁ ଦେଇ,
ଶୀତଳ ପରଶ କାକର ବିନ୍ଦୁରେ
ଦୂର୍ବାଦଳ ଉଠେ ଚେଇଁ॥
ଯଉବନେ ଭରା ରୂପସୀ କନ୍ୟା ସେ
ରଚେ ଇନ୍ଦ୍ରଜାଲ ମାୟା,
ଘନ କୁହିଡିରେ ଆଚ୍ଛାଦିତ କରେ
ଧରଣୀ ରାଣୀର କାୟା॥
ଚୁଲୁବୁଲି ଶୀତ ଅଟେ ଭାରି ଦୁଷ୍ଟ
ପ୍ରଗଳ୍ଭା ହରିଣୀ ଟିଏ ,
ତୁଳୀତଳ୍ପ ଶେଯ ରେଜେଇର ତଳେ
ଲୁଚି ଛପି ପଶିଯାଏ ।।

କେବେ ବୁଲୁଥାଏ ନାଚି ଖେଳି କୁଦି
ଖୋଲା ଆକାଶର ତଳେ,
କଇଁ କଇଁ କାନ୍ଦେ ଯାଏ ଯେବେ ଲୁଚି
ଛିଣ୍ଡା କନ୍ଥାର ତଳେ॥
ସବୁ ଅଗଣାକୁ ଆପଣାର ମଣି
ଛୁଇଁ ଦେଇ ଚାଲିଯାଏ,
ଅଭ୍ୟର୍ଥନା ଲାଗି ପ୍ରତି ଦୁଆରରେ
ଝୋଟିଚିତା ଶୋଭା ପାଏ॥
ବିଞ୍ଚାଡ଼ି ଦିଏ ସେ କୋଣେ ଅନୁକୋଣେ
ଖୁସିର ଲହରୀଟିଏ,
କେତେ ପିଠାପଣା ଭୋଜି ମହୋତ୍ସବ
ମହୀ ଦୁଲୁକାଇ ଦିଏ॥
ପୁରପଲ୍ଲୀ କୋଳୁ ଭାସି ଆସେ ଦୂରୁ
ଶୁଭେ ହୁଳହୁଳି ଧ୍ୱନୀ,
ପ୍ରତିଟି କୋଣରୁ ଝରିଆସେ ମା'
ଲକ୍ଷ୍ମୀଙ୍କର ଆବାହନୀ॥
ଚଷାପୁଅ ମନେ ଅପାର ଆନନ୍ଦ
ଦେଖି ତାର ସୁନାକ୍ଷେତ,
ଆର ବରଷକୁ ସାହାହୁଆ ମା'
ପଦେ କରେ ମଥାନତ॥
ଶୀତ ଆସେ ଶୀତ ଯାଏ ତା' ବାଟରେ
ଧରାରୁ ବିଦାୟ ନେଇ,
ଛାଡ଼ିଦେଇ ଯାଏ ଖଟା ମିଠା ସ୍ମୃତି
ତା'କୁ ଝୁରିବାର ପାଇଁ॥

ବାଣପୁର,
ଖୋର୍ଦ୍ଧା

# ଶୀତ

ନଳିନୀ ପ୍ରଭା ମିଶ୍ର

ଋତୁ ଇଷ୍ଟ ହିମେ ଜଣାଇ ବିଦାୟ
ଆଗମନ ହେଲା ଶୀତ
ଋତୁଚକ୍ରର ଆବର୍ତ୍ତନ କ୍ରମେ
ପ୍ରକୃତି ପରିବର୍ତ୍ତିତ।
ପ୍ରଭାତେ କୁହେଳୀ ହୋଇ ଆଚ୍ଛାଦିତ
ଭୂପୃଷ୍ଠର ସନ୍ନିକଟ
ଅସ୍ୱଷ୍ଟ ହୁଅଇ ଯେତେ ଦୃଶ୍ୟ ରାଜି
ଧରଣୀ ଧୂମାୟପଟ୍ଟ।
ପ୍ରାତଃ ଦୁର୍ବାଦଳେ ଶିଶିର ବିନ୍ଦୁର
ଅପୂର୍ବ ସେ ଦୃଶ୍ୟ ଶୋଭା
କି ଅବା ମୁକୁତା ଖଚିତେ ବିନ୍ଧାଣୀ
ସଜାଇଛି ମନ ଲୋଭା।
ହିମ ବିନ୍ଦୁ ପରେ ଉଦିତ ସୂର୍ଯ୍ୟଙ୍କ
ପତିତ ପ୍ରଭା କିରଣ
ସ୍ୱର୍ଣ୍ଣାଭ ରଙ୍ଗରେ ରଞ୍ଜିତ ଦୃଷ୍ଟିରେ
କିଣି ନେଇଥାଏ ମନ।
ଉପବନ ଶୋଭା ଅତୀବ ମଞ୍ଜୁଳ
ଶତ ବର୍ଣ୍ଣ ତୋରା ପୁଷ୍ପ
ପଦ୍ମବନ ତେଜି ଆସି ପଦ୍ମାଳୟା
କରିଛନ୍ତି କି ନିବାସ!
ନଈ ପଠା ସୁନା ରଙ୍ଗ ରାମ ତିଳା
ସର୍ଷପ କୁସୁମ ଶୋଭା

ପ୍ରକୃତି ସୁନ୍ଦରୀ ଶୈତ୍ୟ ଆଗମନେ
ମଣ୍ଡାଇଛି ତା'ର ଗଭା।
ପତ୍ର ଝଡା ଏବେ ହୋଇଲାଣି ବୃକ୍ଷ
ଆବାହକ ବସନ୍ତର
ଥରେ ଥରେ ଚୁମି ଯାଉଛି ଧରାକୁ
ଚୋରା ମଳୟ ସମୀର।
ଦିବସର ଆୟୁ ହୋଇଲାଣି ହ୍ରାସ
ସଞ୍ଜ ବେଗେ ଆସେ ନଇଁ
ଶୀତ ପ୍ରାକୃତିକ ଶୋଭା ବିମଣ୍ଡିତ
ହସି ଉଠେ ଗାଁ ଭୂଇଁ।
ଗ୍ରାମ୍ୟ ଲଳନାଏ ମଧୁର ଗୀତରେ
ବିଜନ କରି ମୁଖର
ଧାନ କଟା କାମେ ଅତି ଉତ୍ସାହରେ
ହୋଇ ଅଛନ୍ତି ତତ୍ପର।
ଧନୀକର ଲାଗି ନାହିଁ ଶୀତ କଷ୍ଟ
ଦାମୀ ବସନେ ଆବୃତ
ଗରୀବ ନିଜର ଅଭାବୀ କରମ
ଆଦରି ସହେ ଏ ଶୀତ।
ଶୀତର ମହତ୍ତ୍ୱ ଖାଦ୍ୟ ବିଶେଷତ୍ୱ
ଅତି ବିଚିତ୍ର ବିଧାନ
ବିଧାତା ସୃଷ୍ଟିର ଅପୂର୍ବ ସର୍ଜନା
ଋତୁଚକ୍ର ଆବର୍ତ୍ତନ।

ମୁକୁନ୍ଦପୁର, ଆସ୍କା,
ଗଞ୍ଜାମ

# ଶୀତ ଆସିଛି

ନଳିନୀ ପ୍ରଭା ଦାସ



ବରଫ ଦେଶରୁ ଆସିଛି ଶୀତ
ଚହଟି ଦିଶୁଛି ସୋରିଷ କ୍ଷେତ
ଅନା ଅନା ମିତ କ୍ଷେତକୁ ଅନା
ଲହରି ମାରୁଛି କୁହୁଡି ଧୂଆଁ॥

ପ୍ରଭାତରେ ପ୍ରଭାକର ପ୍ରଭାବ
ପ୍ରଚଣ୍ଡ କିରଣ ହୁଏ ଅଭାବ
ଆସରା ସଭିଙ୍କ ଧୁନିର ନିଆଁ
ପୁଷ୍ପ ସୁଗନ୍ଧରେ ବାସେ ଦୁନିଆଁ॥

ପାଦପ ପଲ୍ଲବେ ମୁକ୍ତା ନିହାର
ଦୁର୍ବାଦଳ ଦଳେ କି ମନୋହର
ଝିଲିମିଲି ଦୃଶ୍ୟ ଦିଶେ ସୁନ୍ଦର
ରବି କିରଣରେ ହୁଏ ସେ ଦୂର॥

ପୁଷ୍କରିଣୀ ପଦ୍ମ ଦଳରେ ଦେଖ
କେଡ଼େ ମନୋଲୋଭା ନିହାର ମୁଖ
ପଦ୍ମ ଝୋଟିପରେ ପାଦ ପକାଇ
ପଦ୍ମାସନୀ ଦେବୀ ଧରା ଆସନ୍ତି॥

ରଜନୀର ଅନ୍ତେ ରାସ୍ତା ଅନ୍ଧାର
କୁହ୍ଲଟିକା କରେ କାୟା ବିସ୍ତାର
ଦେଖି ନ ପାରଇ  ନୟନ ତାରା
ଧବଳ ଚାଦର ଦିଶଇ ଧରା॥

ବିହଗ ବୃକ୍ଷରୁ ଛାଡ଼ନ୍ତି ନୀଡ଼
କଳରବେ ରବେ ପୃଥୀ ସୁନ୍ଦର
କର୍ମକ୍ଷେତ୍ରେ କର୍ମଯୋଗୀ ଯାଆନ୍ତି
ବିଳାସୀ ଜନେ ଏ ଆଡ଼ା ଜମାନ୍ତି॥

ପଶମ ବସ୍ତ୍ରରେ ଦେହାବରଣ
ସଂଧ୍ୟାରେ ଶୁଭଇ ଶଙ୍ଖର ସ୍ୱନ
ଗୋଧୂଳି ଲଗନେ ପଶ୍ଚିମା ଦିଶି
ଦିବାକର ଯା'ନ୍ତି ଆଗମେ ନିଶି॥

ସୃଷ୍ଟି ସର୍ଜନାରେ ସ୍ରଷ୍ଟାଙ୍କ ଦାନ
ଷଡ଼ଋତୁ ଶୀତ ପଞ୍ଚମ  ସ୍ଥାନ
ସନ୍ତୁଳନ ଭାର ପୃଥୀ ସୁରକ୍ଷା
କରୁଣା ବାରିରେ ଜଗତ ରକ୍ଷା॥

କଲମପୁର,
କଳାହାଣ୍ଡି

# ହିମମୟୀ ଶୀତ

ସ୍ୱପ୍ନାରାଣୀ ପାଣିଗ୍ରାହୀ



ରୂପମାଧୁରୀରେ ନିଃସର୍ଗ ସୁନ୍ଦରୀ
ବିଚିତ୍ର ବେଶା ଧରିତ୍ରୀ
ଋତୁଚକ୍ରେ ଲୀଳା ଭଙ୍ଗିଳ ଛବିରେ
ଅନିନ୍ଦ୍ୟ ତା' ଦିବ୍ୟକାନ୍ତି।।

ନିତ୍ୟ-ନିୟତ-ଗତି ପ୍ରକୃତିର
ପୃଥିବୀ କରେ ଘୂର୍ଣ୍ଣନ
ନୃତ୍ୟଶୀଳ ପଦେ ଷଡ଼ଋତୁ କରେ
ମହାଶକ୍ତି ସଞ୍ଚାଳନ।।

କାକର କରକା ଶୀତଳ ପରଶେ
ହିମ କଳେବରା ଶୀତ
ପ୍ରକୃତି କୋଳରେ ଅବତରି ଆସେ
ଧରା ବକ୍ଷେ ତା' ରାଜତ୍ୱ।।

କୁଜ୍ଝଟିକାବୃତ ଶୀତର ପ୍ରଭାତ
ଶିଶିରରେ ସଦ୍ୟସ୍ନାତ
ଦୁର୍ବାଦଳେ ହିମକଣା ଆଣେ ଭ୍ରମ
ମୁକ୍ତା କି ପ୍ରତିବିମ୍ବିତ।।

କୁହୁଡ଼ିର ଘନ ଆସ୍ତରଣ ମଧ୍ୟେ
ନିଆଁ ଉହ୍ମେଇକୁ ଘେରି
ଆବାଳ ବୃଦ୍ଧ ବନିତା ସେ ଉଷ୍ମତା
ପ୍ରୀତିପଦେ ନ୍ୟନ୍ତି ତୋଳି।।

ସୁନାଫୁଲିଆସେ ସୋରିଷ କିଆରି
ମଧୁବିପଣୀ ଆସର
ଦିଗନ୍ତବିସ୍ତାରୀ ପକ୍ୱ ଧାନକ୍ଷେତ
ଅପୂର୍ବ ସେ ମନୋହର।।

ଧବଳ ଖୋଟିରେ ପାଦଚିହ୍ନ ଥାପି
ବିଜେ ଦେବୀ ଅନ୍ନପୂର୍ଣ୍ଣା
ଫସଲ ପାଚୁର୍ଯ୍ୟ ପ୍ରାଣରେ ପୁଲକ
ଆମୋଦରେ ପୂଜାର୍ଚ୍ଚନା।।

ଦିନଅନ୍ତେ ଦିନମଣି ବାରୁଣୀରେ
ଅସ୍ତ ଲୋହିତ ଆଭାରେ
ନିଡେ ବାହୁଡନ୍ତି ବିହଙ୍ଗମ କୁଳ
କଳ-କାକଳି ରାବରେ।।

ଜାତିଜାତି ରଙ୍ଗରଙ୍ଗିଆ କୁସୁମେ
ଜୀର୍ଣ୍ଣତାର ହୁଏ ଛିନ୍ନ
ଧେନୁ ସହ ଫେରେ ଗୋଷ୍ଠରୁ ଗୋପାଳ
ଶୁଭୁଥାଏ ବଂଶୀ ସ୍ୱନ।।

ଦିବସ ଆୟୁଷ ଚୋରାଏ ରଜନୀ
ଜାଡରେ ଜଡ଼ାଇ ଦେହ
ନୀରବ ନିଥର ମଧୁର ତା'କୋଳ
ବହଳ କମ୍ବଳ ମୋହ।।

ବିଳାସୀ ବିଳାସ ଅଳସ ନିଷ୍କ୍ରିୟ
କର୍ମଯୋଗୀର ପ୍ରେରଣା
ସ୍ରଷ୍ଟାଙ୍କ ନିର୍ଦ୍ଦେଶେ ଜରତୀ ଶୀତରେ
ବିମଳତାର କରୁଣା।।

ମୁକୁନ୍ଦପ୍ରସାଦ,
ଖୋର୍ଦ୍ଧା

# ଶୀତ ମାଉସୀ

ଚନ୍ଦ୍ରକଳା ଦେବୀ



ଶୀତ ମାଉସୀଲୋ ଶୀତ ମାଉସୀ
ଶୀତକୁ ସାଥିରେ ଆଣି
ହାତ ଗୋଡ଼ ସବୁ କୋଲ ମାରିଯାଏ
କାକର ହୁଅଇ ପୁଣି॥

ଶୀତ ମାଉସୀଲୋ ଶୀତ ମାଉସୀ
ଶୀତ କାକରର ରାତି
ଘୋଡ଼ିଘାଡ଼ି ହୋଇ ଶୋଇଗଲେ ଆମେ
ନଥାଏ କିଛି ଯେ ଭିତି॥

ଶୀତ ମାଉସୀଲୋ ଶୀତ ମାଉସୀ
ଗରିବ ବାପୁଡ଼ା ଥରେ
କନ୍ଥା ଘୋଡ଼ିହୋଇ ଶୋଇଥିଲେ ମଧ
ନିଆଁକୁ ପାଖରେ ଜାଳେ॥

ଶୀତ ମାଉସୀଲୋ ଶୀତ ମାଉସୀ
ଧନୀକୁ ନଥାଏ ଡର
ପଶମ ପୋଷାକ ସାଲ ସୁଇଟର
କମ୍ବଳର ବ୍ୟବହାର॥

ଶୀତ ମାଉସୀଲୋ ଶୀତ ମାଉସୀ
ଡରେ ନାହିଁ ଚଷା ଭାଇ
ସକାଳ ପହରୁ କୃଷିକ୍ଷେତ୍ର ଯାଇ
ସନ୍ଧ୍ୟାରେ ଘର ଫେରଇ॥

ଶୀତ ମାଉସୀଲୋ ଶୀତ ମାଉସୀ
ସକାଳ କଅଁଳ ଖରା
ମଜା ଲାଗେ ଭାରି ଆଦର ସବୁରି
ଖରାକୁ ପୁଆନ୍ତି ପରା॥

ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟିର ଭିଆଣ
ନିମିତ୍ତ ଏ ଛଅଋତୁ
ଏକ ପରେ ଆନ ପ୍ରବେଶ କରିଣ
ବିଦାୟ ପୃଥିବୀ ପୃଷ୍ଠୁ॥

ବନ୍ଧୁଗାଁ,
କୋରାପୁଟ

# ଆସିଛି ଶୀତ

ମନୋରମା ମହାନ୍ତି

ରାତି ପାହି ଗଲେ ସକାଳ ହୁଏ
ନୂଆ ସୂରୁଜରେ ଦିନ ତ ହୁଏ
ବରଷକ ପରେ ବରଷ ହୁଏ
ମାସ ସରିଗଲେ ଋତୁଟେ ହୁଏ
ଋତୁଟିଏ ଯାଇ, ଶୀତ ଋତୁ ଆସି ଯାଏ
ଦେହ ଥରିଯାଏ, ଚର୍ମ ଶୁଖିଯାଏ
ନିର୍ମଳ ଆକାଶେ ଶଶୀ ଶୋଭା ପାଏ
କୁହୁଡିଆ ଦିନ ଭାସ୍କର ଲୁଚି ଯାଏ
ସବୁଜ ବନାନୀରେ ପ୍ରକୃତି ଶୋଭା ପାଏ
ନାନା ଜାତି କୁସୁମ ଅଗଣା ସଜାଏ
ତଟକା ପରିବା ମନର ରୁଚିକୁ ବଢ଼ାଏ
ଉଷୁମ ପୋଷାକ ଦେହକୁ ସଜାଏ
ଥଣ୍ଡା ଥଣ୍ଡା ପାଣି ସଭିଙ୍କୁ ଡରାଏ
ବୁନ୍ଦା ବୁନ୍ଦା କାକର ଗାଲିଚା ଭିଜାଏ
ନିଦ ମାଉସୀ ତ ନିଦକୁ ବଢ଼ାଏ
କମଳ ତଳେ ଟାଣିକି ଶୁଆଏ
ଶୀତୁଆ ସକାଳ ଲାଗଇ ମଜା
ଆଈ ପଣତରେ ମୁହଁ ଲୁଚାନ୍ତି ଅଜା
କଅଁଳିଆ ଖରା ଦେହକୁ ମଜା
ସଞ୍ଜ ହେଇଗଲେ ଗରମ ମୁଢ଼ିର ଭଜା
ଗାଁରୁ ସହର ସବୁରି ମିତ
ବରଷକେ ଥରେ ଆସିଛି ଶୀତ
ମାଣବସାଠାରୁ ସରସ୍ୱତୀ ପୂଜା
କେତେ ପିଠାପଣା ସୁଆଦ ମଜା
ବଣଭୋଜି ପାଇଁ ସାଙ୍ଗଙ୍କ ମେଳ
ଖେଳ ପଡିଆରେ କେତେ ଯେ ଖେଳ
ନୂଆ ବରଷ ଆସଇ ହସି
ସବୁରି ମନକୁ କରଇ ଖୁସି
ନୂଆ ବରଷକୁ ଅଭିନନ୍ଦନ
ଚଲାପଥେ ପଡୁ ଫୁଲଚନ୍ଦନ
ମାଘ ସପ୍ତମୀରେ ସୂର୍ଯ୍ୟଦର୍ଶନ
ସୁଖ ଶାନ୍ତି ଦେବେ ଚକାନୟନ
କୋଇଲି ରାବିଲେ ଆସିବ ବସନ୍ତ
ଶୀତର କୋପ ହୋଇବ ଶାନ୍ତ
ଆମକୁ ଭରଷା ଶ୍ରୀ ଜଗନ୍ନାଥ

ପାରାଦ୍ୱୀପ,
ଜଗତସିଂହପୁର

# ଶୀତ

ବିଷ୍ଣୁପ୍ରିୟା ପ୍ରତାପସିଂହ



ବରଷକେ ଥରେ ଧରଣୀ ବକ୍ଷରେ
ପାଦ ଥାପି ଶୀତ ଆସେ
ସ୍ୱାଗତ କରିଣ ପାଛୋଟି ନିଅଇ
ହୃଦୟ ଦ୍ୱାରର ଦେଶେ ।
ଶୀତ ସକାଳର କଅଁଳ ଖରାରେ
ହସିଉଠେ ଏଇ ଧରା
ଘାସ ଗାଲିଚାର ମୁକୁତା ଓଢ଼ଣୀ
କେଡ଼େ ମନଲୋଭା ପରା ।
ମାନବ ଜୀବନେ ପ୍ରାତଃ ଭ୍ରମଣ
ସତେ କି ଆନନ୍ଦ ଦିଏ
ଆଳସ୍ୟ ପଣଟା ଦୂରେ ଫିଙ୍ଗି ଦେଇ
ସଦା କର୍ମେ ବ୍ୟସ୍ତ ହୁଏ ।
ଶୀତଳ ରାଇଜ ପରିଚୟ ନେଇ
ଓହ୍ଲାଇ ଆସିଛି ଶୀତ
ସୁନେଲି ରଙ୍ଗର ପାଟବସ୍ତ୍ର ନାଇ
ବସୁନ୍ଧରା ହୁଏ ପ୍ରୀତ ।

ରଙ୍ଗବେରଙ୍ଗର ଫୁଲର ପାଖୁଡ଼ା
ତା'ର ଆଗମନେ ଶୋହେ
କୃଷକ ମନର ଅସୁମାରୀ ସ୍ୱପ୍ନ
ବାସ୍ତବର ରୂପ ନିଏ ।
ଶସ୍ୟ ଅମଳରେ ଲାଗିପଡ଼େ ସେ ଯେ
ମନ ପ୍ରାଣ ସବୁ ଦେଇ
ବରଷଯାକର ଶ୍ରମର ଯନ୍ତ୍ରଣା
ଆପେ ଯାଏ ଦୂର ହୋଇ ।
ମହା କାର୍ତ୍ତିକର ମହାପୁଣ୍ୟ ବ୍ରତ
ମାଣ ଖୋଟି ମାର୍ଗଶିରେ
ବସନ୍ତ ପଞ୍ଚମୀ ମକରର ଗୁଡ଼ି
ଏ ଋତୁର ଶୋଭା ଧରେ ।
ସରବ ଜନର ମଙ୍ଗଳ ମନାସି
ଶୀତରାଣୀ ଯାଏ ଦୂରେ
ଶୁଭେ ଯାଉ ଦିନ ହେ ପରମେଶ୍ୱର
ଏତିକି ପ୍ରାର୍ଥନା ବାରେ ।

ଗୋବର୍ଦ୍ଧନପୁର, ଭୂଷଣ୍ଡପୁର,
ଖୋର୍ଦ୍ଧା

# ଶିଶିର ସାରସ



**ସନ୍ତୋଷିନୀ ଦାଶ**

ନିର୍ମଳ ଆକାଶେ ଶିଶିର ସାରସ
ସରସୀରେ କଇଁ ପ୍ରଫୁଲ୍ଲ ମାନସ
ଭାବ ବନ୍ଧନର ନାହିଁ ଉପମେୟ
ଅନାବିଳ ପ୍ରେମ ନୁହଇ ବିଲୟ ଗୋ

ଶୀତ ସକାଳରେ ଶିଶିର ସାରସ
ଦଳ ଦଳ ହୋଇ ଭ୍ରମନ୍ତି ଆକାଶ
ମନେ ଭରିଥାଏ ବିଜୟ ଉଲ୍ଲାସ
ପୁଲକିତ ହୁଏ ଦର୍ଶକ ମାନସ ଗୋ

ନିର୍ମଳ ଆକାଶେ ଭାସ୍କର ପ୍ରକାଶ
ସରସୀରେ ହସେ ବିକଚ ସାରସ
ହସରେ ପ୍ରକାଶେ ପ୍ରୀତିର ସନ୍ଦେଶ
କୋମଳ କିରଣେ ତନୁ ଆହ୍ଲାଦିତ ଗୋ

ଚିଲିକା ଜଳରେ ଶିଶିର ସାରସ
ଆହ୍ଲାଦିତ କରେ ଦର୍ଶକ ମାନସ
ସାରସ ମାଳିନୀ ନୀଳାମ୍ବୁ ଚିଲିକା
ପକ୍ଷୀ ସମାବେଶେ ହୁଏ ଅପରୂପା ଗୋ

ଶିଶିର କାଳରେ ପ୍ରକୃତିର ରୂପ
କବି ମାନସକୁ କରଇ ଭାବୁକ
ନୂତନ ସୃଜନେ ହୁଏ ଅପରୂପ
ଭାବରେ ବିହ୍ୱଳ ହୁଅଇ ପାଠକ ଗୋ

ବରଗଡ



# ଶୀତ

ଜ୍ୟୋତିପ୍ରଭା ପଟ୍ଟନାୟକ

ରୂପା ସବାରୀରେ ଶୀତ ଆସିଥିଲା
ମୁକ୍ତା ପୋଷାକ ପିନ୍ଧି,
ପୂରୁବ ଆକାଶେ ସଜ କିରଣଟା
ମନକୁ ନେଉଛି ବାନ୍ଧି।
ହାଡ଼ ଭଙ୍ଗା ଶୀତ ଗାଇଲାଣି ଗୀତ
ଓଠ, ପାଟି, ହାତ ଥରେ
ଘାସ ଗାଲିଚାରେ କୁହୁଡ଼ି କାକର
ମୋତି ସମ ଭ୍ରମ ଭରେ।
ସକାଳ ସୁରୁଜ ପକାଇ ମୁରୁଜ
ଢାଳି କଅଁଳ କିରଣ,
ବୟସ୍କ ମନୁଷ୍ୟ ଖରା ପୋଉଁଥାନ୍ତି
ଶୀତ ହୁଏ ନିବାରଣ।
ନାହିଁ ସେ ସକାଳ ପାହାନ୍ତିଆ ଦୃଶ୍ୟ
ଗାଁ ଦାଣ୍ଡେ ନିଆଁ ପୁଆଁ,
ବୋଉ ବଢ଼ାଭାତ ଆହା କି ସୁଆଦ
ଏ ମନ ଖୋଜୁଛି ଯାହା।
ନାହିଁ ତୋଟାମାଳ ଗଛରେ ବଉଳ
ପରିବେଶ ହେଲା ନଷ୍ଟ,
ଲଗାଇବା ଗଛ ପରିବେଶ ସ୍ୱଚ୍ଛ
ହସିବ ସାରା ଜଗତ।

ବାରମାସେ ଛଅ ଋତୁ ସିନା ଅଛି
ଏବେ କେବଳ ଗ୍ରୀଷ୍ମ ଖରା,
ବିଶ୍ୱ ସନ୍ତୁଳନ ବିଗିଡ଼ି ଗଲାଣି
ଶୁଖିଲାଣି ଜଳ ଧାରା।
ଶୀତ ସାଥେ ଆସେ ପୂନିଅଁ ପରବ
ପିଠାପଣା,ଭୋଜି ଭାତ,
ପର୍ଯ୍ୟଟନ ଋତୁ ବଣଭୋଜି ମଜା
ଶୁଭଲଗ୍ନ ବିଭାବ୍ରତ।
ମାଆ ମହାଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା
ପାଦପଦ୍ମ ଝୋଟିଚିତା,
ଚାଷୀଭାଇ ମନ ଖୁସିରେ ନାଚଇ
ଅମାରେ ଧାନ ସାଇତା।
ପେଟେରା ଭିତରୁ ଗରମ ପୋଷାକ
ଚାହିଁଲାଣି ମୁଣ୍ଡ ଟେକି,
ଗରିବ ବାପୁଡ଼ା ଖଣ୍ଡିଏ ଲୁଗାରେ
ଶୋଇଥାଏ ଜାକିଜୁକି।
ଶୀତଦିନେ ଦିନ ହୋଇଥାଏ ସାନ
ରାତି ହୋଇଯାଏ ବଡ଼,
କମ୍ବଳ ଭିତରୁ ବାହାରି ଆସିଲେ
ଦେହେ ଲାଗେ ଶୀତ ଜାଡ଼।

ଖୋର୍ଦ୍ଧା

# ଆସିଛି ଶୀତ

## ରୀନାରାଣୀ ବେହେରା

ଋତୁ ପରେ ଋତୁ ଆସେ ଯାଏ
ପ୍ରତି ଋତୁ ସହ ସ୍ମୃତି ଯୋଡ଼ି ଯାଏ
ଶୀତ ଋତୁ କଷ୍ଟ ଦିଏ
ଶରୀର ପାଇଁ ହିତ ଥାଏ।

ଏଇ ଏବେ ଭୁଲିହୁଏ ନାହିଁ ଗାଁ ଶୀତର ଅନୁଭୂତି,
ମାଆ ବୁଢ଼ୀ ମାଆ ସାଥେ ବସି
ଚୁଲି ମୁଣ୍ଡେ ନିଆଁ ପୋଉଁଥାଏ ଆସି।

ଶୀତ ଆମର ମିତ
ଦେଖି ସବୁଜିମା କ୍ଷେତ
କୃଷକ ଆନନ୍ଦେ ନାଚି ଗାଏ ଗୀତ।

ଆସିଛି ଶୀତ ସକାଳ
ଅଳସ ଭାଙ୍ଗି ଚାଷୀ ଭାଇ ସଜାଡେ ହଳ ଲଙ୍ଗଳ
ଶୀତୁଆ ସକାଳ ତା ପାଇଁ ଆଣିଛି ଶୁଭ ମଙ୍ଗଳ।

ଶୀତୁଆ ସକାଳର ସୁନେଲି କିରଣଟା ଦିଶେ ସୁନ୍ଦର
ଶୀତରେ ଥରି ବୁଢ଼ୀ ମାଉସୀ
ଖରା ପୋଇଁବାକୁ ହୁଏ ବ୍ୟାକୁଳ
କାଠୁଆ ଶୀତରେ ନିତିଦିନ କାର୍ଯ୍ୟ ହୁଏ ଉଚ୍ଛୁର ।

ଶୀତ ଆଣିଛି ରଙ୍ଗବେରଙ୍ଗ ଫୁଲର ଆସର
କ୍ଷେତ ଦିଶେ ସୁନେଲି ଧାନରେ ଭରପୁର
କ୍ଷେତରେ ଦେଖି ହଳଦୀ ରଙ୍ଗର ସୋରିଷ ଫୁଲ
ବାଟୋଇର ମନ ହୁଏ ଆନନ୍ଦ ମୁଖର।

ଅପୂର୍ବ ସମାହାର ଶୀତର ଆସର
ଶୀତ ସାଥେ ସାଥେ ଆସେ ମାର୍ଗଶିର
ଲକ୍ଷ୍ମୀ ଠାକୁରାଣୀ ହୁଅନ୍ତି ପୂଜିତ।

ଆସିଛି ଶୀତ, ଧରା ଆନନ୍ଦରେ ଗାଉଛି ଗୀତ
ନାନା ପୁଷ୍ପରେ ଧରା ହୋଇଛି ସଜ୍ଜିତ
ମାଣବସା ,ବାଟଓଷାରେ ଗାଆଁରୁ ସହର ହୁଏ ପ୍ରକମ୍ପିତ।

ଶସ୍ୟ ଶ୍ୟାମଳ ଧାନ କ୍ଷେତ ଦେଖି
ଦାଆଟି ହାତରେ ନେଇ
ଚାଷୀ ଭାଇ ଧାନ କାଟି ଖଳାରେ ଦିଏ ଥୋଇ ।

ଚଷା ଭାଇର ତା' ପଖାଳ ସାଥି
ମାଆ ସାଆନ୍ତାଣୀ ତା' ଅନ୍ନଦାତ୍ରୀ
ଚଷା ଭାଇ ମାଟିରେ ଲେଖେ ତା' ଜୀବନ ଗୀତି।

*ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...*

ଆସିଛି ଶୀତ
ଗାଆଁରୁ ସହର ଯାନିଯାତ୍ରାରେ ହୁଏ ଉତ୍ସବ ମୁଖର
ଶୀତ ଆଣିଛି ବଉଳ ପେନ୍ଥାର ସମ୍ଭାର
ଶୀତୁଆ ସକାଳ କୁହୁଡ଼ିରେ ଦିଶେ ଅନ୍ଧାର।

ଆସିଛି ଶୀତ ହସୁଛି ସାରା ଜଗତ
ଆସିଛି ଶୀତ ଜନଜଗତର ହେବ ହିତ
ପୂରିଉଠିବ ପନିପରିବାରେ ବିଲ ବାଡ଼ି କ୍ଷେତ।

ଆସିଛି ଶୀତ ନିଳାମ୍ବୁ ଚିଲିକା ଦିଶେ ସୁଶୋଭିତ
ଦଳ ଦଳ ପକ୍ଷୀ ହୁଅନ୍ତି ମେଳ
ଚିଲିକାର ମନୋରମ ଦୃଶ୍ୟ ଦେଖିବାକୁ
ଶହ ଶହ ପର୍ଯ୍ୟଟକ ହୁଅନ୍ତି ଠୁଳ।

ଆସିଛି ଶୀତ ମହୁମାଛି ଗାଆନ୍ତି ଗୀତ
ପୁଷ୍ପରୁ ପୁଷ୍ପ କୁ ଉଡ଼ି ନିଅନ୍ତି ମହୁ ଶୋଷି
ସାଇତି ରଖନ୍ତି ଫେଣାରେ ବସି।

ଶିଶିର ପଡ଼ଇ ମୋତି ବିନ୍ଦୁ ପରି
ଘାସ ଗାଲିଚା ଉପରେ
ସୁଲୁ ସୁଲୁ ବାଆ ବହେ ଧିରେ ଧିରେ
ଥିରି ଥିରି ଦେହ ଥରେ।

ପାରାଦ୍ୱୀପ

# ଶୀତ ଏକ ଅନୁଭୂତି

ଆରତୀ ପ୍ରହରାଜ



ଶିଶିର ଭିଜା ଧରଣୀରେ ଶୀତୁଆ ସକାଳ
ସେତ ପ୍ରକୃତିର ପ୍ରାକୃତିକ ଖେଳ
ମନେପଡ଼େ ପିଲାଦିନ ସେଦିନ ଆଉ ଏଦିନ
ଶୀତ ଆସୁଥିଲା ଜମେଇ ଜମେଇ
ଖରାର ଲୁଚକାଳି ଖେଳ, ଦିଏ ନାହିଁ ଧରା
ଯାଉଥାଏ ଦୂରେଇ ଦୂରେଇ
ଅତି ମଜାଦାର ସେଇ ଗରମାଗରମ୍ ଚା'
ଆଉ ଚିନାବାଦାମର ଚୁନାଚୁନା ସ୍ୱାଦ
ମହମହ ବାସୁଥିବା ହଳଦୀ ପତ୍ରର ବାସ୍ନା
ଖରାପିଠିଆ ଖରାର ନରମ କିରଣ
ଧୁନି ଜାଳିଦେଇ ନିଆଁ ପୋଇଁବା ବେଳେ
ଗୋଲ୍ ବୈଠକରେ ବସି ଆଜେବାଜେ ଗପ
ବଡ଼ି ଭୋରରୁ ବୋଉର କଅଁଳିଆ ଡାକ
ଟିକିଏ ଆକଟି କହେ ଦିନ ସରିଯିବ ସରିବନି କାମ
ଗରମ ଚାଦର ତଳୁ ଜୁଳୁଜୁଳୁ ଦିଶୁଥିବା ଦୁଇ ଆଖି
ଥଣ୍ଡା ଥଣ୍ଡା ପାଣିରେ ଗାଧୁଆ ପରେ
ଉଷୁମ ଉଷୁମ ଲାଗୁଥାଏ ଦେହ
ଧାନକେଣ୍ଡାରେ ମଣ୍ଡିତ ଠାକୁରାଣୀ
ମନୋହର ଥାଟ ସାଥେ ମନଲୋଭା ବିଲପାଟ
ମାଘ ମାସର ସେ ବାଘୁଆ ଜାଡ଼
କୋଲ ମାରି ଯାଏ ହାତ ଓ ଗୋଡ଼
ଠକ୍ ଠକ୍ ବାଜେ ଓଠ ଥରିଯାଏ ଶରୀର ହାଡ଼
ଶୀତେଇ ଉଠେ ଦେହ ମନ
ଶୀରାଳ ହାତ ସବୁ
ସଂକୁଚିତ ହୁଏ ସଞ୍ଜ ସକାଳରେ
ପାଟିରୁ ବାହାରୁ ଥିବା ଧୂଆଁ,
ଖେଳ ସାଜେ ବାଳୁତ କାଳରେ
ସୁନା ରଙ୍ଗରେ ରଙ୍ଗେଇ ହୁଏ ସୋରିଷ କିଆରୀ
ଶାମ୍ବ ଦଶମୀରେ ସୂରୁଯ ପୂଜା
ପଉଷ ମାସର ପୁଷ ପୁନେଇଁ
ମକର ଚାଉଳ ହାତକୁ ନେଇ
ମକର ବସିବାର ସେ ଖିଆଲି ଭାବନା
ଗେଣ୍ଡୁଫୁଲରେ ମଣ୍ଡିତା ମା' ଠାକୁରାଣୀ
ମଣ୍ଡାପିଠାପଣାର ଆଭରଣୀ
ଅନନ୍ୟ ଅନୁଭବ, ନିଆରା ଅନୁଭୂତି
ଆନନ୍ଦ ମନ, ସୁଖକର ଜୀବନ, ସୁଖ ଜୀବନ।

ଭୁବନେଶ୍ୱର



# ଶୀତମାଉସୀ

ପ୍ରତିମା ମହାରଣା

ଛନ୍ଦାଛନ୍ଦି ହୋଇ ଛଅ ଭଉଣୀ
ଧରାକୁ ଆସନ୍ତି ରତୁରେ ପୁଣି ॥

କୋହଲା ପବନ ଗାଉଛି ଗୀତ
ଶୀତ ମାଉସୀର ଧରାରେ ଭେଟ ॥

ତେରଛା କିରଣ ଢାଳୁଛି ଭାନୁ
କାକର କୁହୁଡ଼ି ଘାସରେ ତେଣୁ ॥

କଅଁଳ ଖରାର ଉଷୁମ ତାତି
ଅଜା ନାତୁଣୀର ଦେଖ ପୀରତି ॥

ଦେହରେ ରହିଛି ପଶମ ବାସ
ସହି ହୁଏ ନାହିଁ ଲାଗେ ଅବଶ ॥

ଦାଣ୍ଡବାଡ଼ି ଦିଶେ ଭାରି ସୁନ୍ଦର
ନାନା ଫୁଲଫଳେ ଭରା ପ୍ରାନ୍ତର ॥

ସକାଳ ବୁଲା ତ ଦେହକୁ ହିତ
ଘେରାଏ ବୁଲିଲେ ଛାଡ଼ଇ ଶୀତ ॥

ଚାହା ହୋଟେଲରେ ଜମିଛି ଭିଡ଼
ଖାତିର ନ ଥାଏ ଆସିଲେ ଜାଡ଼ ॥

ଶୀତ ମାଉସୀ ତ ଆଣିଛି ଓଷା
ମଗୁଶିରେ ଦାଣ୍ଡ ଝଲସେ ଚିତା ॥

ଶୀତୁଆ ସକାଳ କଅଁଳ ଖରା
ଛୋଟ ଶିଶୁ ପାଇଁ ଭାରି ନିଆରା ॥

ଭିଟାମିନ-ଡି ମିଳଇ ବେଶୀ
ଶକତି ଯୋଗାଇ ହାଡ଼କୁ ନିତି ॥

ଧାନ ପାଚିଲାଣି ଦେଖ ବଉଳ
ଗୀତ ଗାଇ ଚାଷୀ ଯାଏ ସଅଳ ॥

ଅଳସୀ ଫୁଲରେ ଶୋହୁଛି ମହୀ
ସେଲଫି ଉଠାନ୍ତି ସାଙ୍ଗରେ ରହି ॥

କାହିଁ କେତେ ଦୂରୁ ଆସନ୍ତି ଧାଇଁ
ବଣଭୋଜୀ ପିଲେ କରିବା ପାଇଁ ॥

ଓଷା ପୂଜୁଛନ୍ତି ମାଆ ଭଉଣୀ
ପାଦରେ ଅଳତା ମୁଣ୍ଡେ ଓଢ଼ଣୀ ॥

ଓଡ଼ିଆ ଘରର ପରବ ଦେଖି
ଜଗତେ ସଭିଏଁ ହୁଅନ୍ତି ଖୁସୀ ॥

ଶୀତରେ ଥରୁଛି ଗରିବ ବୁଢ଼ୀ
ମନ କରୁଅଛି ଖାଇବ ମୁଢ଼ି ॥

ଯେତେ କଷ୍ଟ ଦେଉ ଶୀତମାଉସୀ
ବସନ୍ତ ଆସଇ ତା' ସାଥେ ମିଶି ॥

ଧନ୍ୟ ହେ ଈଶ୍ୱର ସୃଷ୍ଟି ତୁମର
ଯତନେ ସାଇତି ଦେଇଛ ବର ॥

କୋରାପୁଟ

# ଅଭିମାନିନୀ ଶୀତରାଣୀ

ବନ୍ଦନା ମହାପାତ୍ର

ହେ ଅଭିମାନିନୀ ଶୀତରାଣୀ
ହେ ମୋ'ର ପ୍ରିୟ ମାନିନୀ,
ଯେବେ ପାଦ ଥାପିଲ ଧରଣୀ,
ନୁଆଁ ସୁରୁଯର ମୁରୁଜ ବୁଣି
ବୃଥା ଅଭିମାନ ମଣି,
ଅଭିମାନିନୀ ଶୀତରାଣୀ ||

ହସଇ ସୁନ୍ଦର ସୋରିଷ କ୍ଷେତ
ଚାଷୀ ଭାଇ ବିଲେ ଛାଡ଼େ ତା' ଗୀତ
ମହକେ ସେବତୀ ଗେଣ୍ଡୁର ହସ,
ମୁଁଆ, ମକର ଅଗ୍ନିମେଢ଼ ଯାତ,
ମନ ନେଉଅଛ କିଣି
ଅଭିମାନିନୀ ଶୀତରାଣୀ ||

ଚୁପି ଚୁପି ତୁମ ଦିଅ ପରଶ,
କୁହ ପଦେ କଥା ଚେନ୍ନାଏ ହସ,
ପଉଷ ରାତିରେ ପ୍ରିୟାର ପାଶ,
ମନକୁ ମୋହୁଛ ହୋଇ ହରଷ
ମନମୋହିନୀ ମୋ' ମନମୋହିନୀ
ଅଭିମାନିନୀ ଶୀତରାଣୀ ||

ଆଜି କାହିଁ ଲାଗ ଏତେ ଉଦାସ,
ପାଲଟିଛି ଧରା କଳଙ୍କ ବିଷ,
ତୁମ ସ୍ୱାଗତକୁ ସମୟ ଶେଷ,
ବ୍ୟସ୍ତ ସମାଜରେ ନାହିଁ ତୁମ ବାସ
ନିଶାଗ୍ରସ୍ତ ଆଜି ଏହି ମଣିଷ
ଦୁର୍ନୀତି ବସ୍ତ୍ର ଛାଉଣୀ
ଅଭିମାନିନୀ ଶୀତରାଣୀ ||

ରାତି ପାହିଗଲେ ଧର୍ଷଣ ହତ୍ୟା,
ସବୁଠି ବହୁଛି ରକ୍ତର ଛିଟା,
ସଭିଙ୍କ ପ୍ରାଣରେ ଭୟର ଚିତ୍ତା
ଦିନରାତି ନିଜ ସ୍ୱାର୍ଥର ଚିନ୍ତା
ଦେଖି ନିଅ ନେତ୍ରେ ପାରିବ ଜାଣି
ନିଜକୁ ଶାନ୍ତ୍ୱନା ଦିଅଗୋ ରାଣୀ
ଅଭିମାନିନୀ ଶୀତରାଣୀ ||

ବ୍ରହ୍ମପୁର,
ଗଞ୍ଜାମ



# ଶୀତ

## ସୂର୍ଯ୍ୟକାନ୍ତି ଦାଶ

ଶୀତ ଯେବେ ଆସେ
ବରଷକୁ ଥରେ
କମ୍ପେ ଧରାମାତା
ପାହାନ୍ତା ପହରେ।
ଶୀତୁଆ ସକାଳ
ଦିବସର ମୂଳ
ମୃଦୁ ମୃଦୁ ବାଆ
ଶରୀର ଉତ୍ତାଳ।
ପ୍ରାତଃ ସମୀରଣ
ଆଶାର କିରଣ
ଶାନ୍ତିର ବାରତା
ମନେ ଶିହରଣ
ବୃକ୍ଷଲତା, ଦୁବ
ଶିଶିରେ ମଣ୍ଡିତ
କୁହୁଡ଼ିରେ ଭରା
ବାରି ଅଚ୍ଛାଦିତ।
ସୋରିଷ ଫୁଲରେ
ବିଲ ନଦୀପଠା
ପକ୍ୱଶସ୍ୟ ଧାନ
କିଆରୀରୁ ଉଠା।
ଚାଷୀଭାଇ ଦାଆ
ଧରି ଚାଲେ କ୍ଷେତ
ଆନନ୍ଦେ ଭୁଞ୍ଜଇ
ଶୁଖୁଆକୁ ଭାତ।

ଚାରିପାଖେ ତା'ର
ଧୁମ୍ର ପ୍ରହେଳିକା
ତଥାପି ଅନ୍ତରେ
ନୁହଁଇ ସେ ଶଙ୍କା।
ପ୍ରାତଃ ଶଯ୍ୟା ତ୍ୟାଗ
ନଲୋଡ଼େ ଶରୀର
ଭିଜା କାକରରେ
ଶୀତେ ଥର ଥର।
ଗରମ ପୋଷାକ
ଦେହକୁ ଉଷୁମ
ପିନ୍ଧି ନାନାରଙ୍ଗେ
କରେ କେତେ କାମ।
ଟଗର, ଗେଣ୍ଡୁରେ
ଉପବନ ଶୋଭା
ହେମନ୍ତ ଋତୁରେ
ପ୍ରକୃତିର ଆଭା।
ହମ୍ବାରଡ଼ି ଛାଡ଼ି
ଧେନୁ ଚରୁଥାଏ
ସୂରୁଯ କିରଣ
ଦେହକୁ ତା' ସୁହେ।
ଜଳ ଅନୁଭବେ
ଲାଗେ ସତେ ବିଷ
ବାଳଭାନୁ ସ୍ପର୍ଶ
ଅନଳ ପିୟୁଷ।
ଚାଆ ଦୋକାନରେ
ବଡ଼େ କୋଳାହଳ
ବରାକୁ ପକଡ଼ି
ଖାଇବାକୁ ଗୋଳ।

ବୁଢ଼ାବୁଢ଼ୀ ସାଥେ
ଗାଆଁ ପିଲା ମିଳି
ନିଆଁକୁ ପୁଆଁନ୍ତି
କୁଟା କାଠି ଜାଳି।
ପରିବେଶୁ ଶୁଭେ
ପକ୍ଷୀଙ୍କ କାକଳି
କରୁଥାନ୍ତି ଶବ୍ଦ
ରୂପ ଭଳି ଭଳି।
ମନ୍ଦିରେ ଭାଇନା
କରନ୍ତି ଆଳତି
ଭକ୍ତିଭରେ ଭକ୍ତ
ଢାଳଇ ପ୍ରଣତି।
ଚଉଦିଗୁ ଶୁଭେ
ମନ୍ଦିରର ଘଣ୍ଟ
ଶୈବପୀଠ ସ୍ଥଳୁ
ଓଁକାର ଉଚ୍ଚାଟ।
ଥୁରୁଥୁରୁ ଜାଡ଼େ
ଅଣ୍ଟା ଭାଙ୍ଗିପଡ଼େ
ତଥାପି ମନର
ଆଶା ସ୍ୱପ୍ନ ବଢ଼େ।
ଶୁଭଦୃଷ୍ଟି ରଖ
ହେ ପରମେଶ୍ୱର
କାମନା ବିନାଶି
ସବୁ ଦୁଃଖ ହର।

ଓଗାଳପଡା, ଯାଆଁଳା, ଜଟଣୀ, ଖୋର୍ଦ୍ଧା

# ଶୀତ

ବୀଣାପାଣି ଦେବୀ

ଧରାଧାମରେ ବାର ମାସରେ
ଛଅଟି ଋତୁ ଆସେ
ପଉଷେ ଆସି ମାଘରେ ବସି
ଶୀତ ସକାଳ ହସେ
ଶୀତ ଋତୁରେ ଧରା ବକ୍ଷରେ
ବହେ ଶୀତଳ ବାଆ
ଦେହ ମନକୁ ଥରାଇ ଦିଏ
ଦେଇ ଶୀତଳ ଛୁଆଁ
କାକର ଟୋପି ଘାସରେ ଥାପି
ଦିଶଇ ଚିକ୍ ଚିକ୍
ହେଁସ କମଳ ଶେଯ ବହଳ
ଶୀତରେ ଆସେ ଖୋଜି
ଚାଷୀର ମନ ହୁଏ ଉଚ୍ଛନ୍ନ
ଶସ୍ୟ କ୍ଷେତକୁ ଦେଖି
ଅମଳ କରି ଖମାର ଭରି
ଧାନ ସାଇତି ରଖି

ଶୀତ ଦାଉରୁ ବରତିବାକୁ
ଦାଣ୍ଡରେ ଜଳେ ନିଆଁ
ପୁଷ ମାସରେ ଶୀତ ସକାଳେ
ପାଟିରୁ ଯାଏ ଧୂଆଁ
ପନିପରିବା ହୁଏ ଅମଳ
ନ ଥାଏ ଚିନ୍ତା କିଛି
ଶୀତ ଋତୁରେ ସତେଜ ଫଳ
ହୁଏନି କେବେ ବାସି
ଶୀତ ଶେଷରେ ଗାଁ ମୁଣ୍ଡରେ
ଅଗ୍ନି ପରବ ହୁଏ
ଅଗ୍ନି ତାପରେ ଋତୁ ବି ସରେ
ଶୀତ ବି ବିଦା ହୁଏ
ବରଷକରେ ଆସଇ ଥରେ
ସଭିଙ୍କୁ ଯାଏ ଛୁଇଁ
ଶୀତ ପରଶ ଦେହକୁ ହିତ
ମନେ ରଖିବା ଭାଇ

ବାଣପୁର,
ଖୋର୍ଦ୍ଧା

# ଶୀତ ଯେବେ ଆସେ

ଅଶେଷ ଲୋଚନ ଆଚାର୍ଯ୍ୟ

ଶୀତ ଯେବେ ଆସେ ଗାଆଁରେ
କନ୍ଥା ଓ କମ୍ବଳ ଘୋଡିହୋଇ ଲୋକେ
ନିଆଁ ପୋଉଁଥାନ୍ତି ଦାଣ୍ଡରେ।
ଶୀତ ଯେବେ ଆସେ ସହରେ
କୋଟ୍ ଟାଏ ଭିଡି ବାବୁଭାୟା ମାନେ
ଚୁରୁଟ ଟାଣନ୍ତି ବାଗରେ।
ଶୀତ ଯେବେ ଆସେ ପାଣିରେ
ରୋହି ମିରିକାଳୀ ପାଣିରେ ଲୁଚିଲେ
ମୁଣ୍ଡ ଗୁଞ୍ଜିଦେଲେ ପଙ୍କରେ।
ଶୀତ ଯେବେ ଆସେ ବଣରେ
ବାଘ ଭାଲୁ ସବୁ ଗୁମ୍ଫାରେ ପଶିଲେ
ଗାତରୁ ବିଲୁଆ ଡାକେରେ।
ଶୀତ ଯେବେ ଆସେ ଗାଆଁରେ
ପୁଷିମାଉସୀଟା ଚୁଲିରେ ପଶଇ
ଘଡ୍ଡୁରୁ ଘାଡ୍ଡୁରୁ କରେରେ।
ଶୀତ ଯେବେ ଆସେ ସହରେ
ଗରମ କଫିର ମଜା ନେଉଥାନ୍ତି
ରୁମହିଟରକୁ ଜାଳିରେ।
ଶୀତ ଯେବେ ଆସେ ନଈରେ
ନିଆଁ ଲାଗିଯାଏ ନଈର ପାଣିରେ
ସକାଳରୁ ଧୂଆଁ ବାହାରେ।
ଶୀତ ଯେବେ ଆସେ ଗିରିରେ
ତୁଷାରପାତଟା ଆରମ୍ଭ ହୁଅଇ
ଗିରିଶୃଙ୍ଗ ଧଳା ଦିଶେରେ।

ଶୀତ ଯେବେ ଆସେ ଗଛରେ
ଶିଶିରବିନ୍ଦୁରେ ପତର ଭିଜଇ
ଟପ ଟପ ହୋଇ ଝରେରେ।
ଶୀତ ଯେବେ ଆସେ ନୀଡ଼ରେ
ଥଣ୍ଟ ଗୁଞ୍ଜିଦେଇ ଡେଣାର ଭିତରେ
ପକ୍ଷୀ ବସିଥାନ୍ତି ବସାରେ।
ଶୀତ ଯେବେ ଆସେ ଛକରେ
ଦୋକାନୀ ଦୋକାନ ଛାଡିଦେଇ ଆସି
ଗପ କରୁଥା'ନ୍ତି ଖରାରେ।
ଅଫିସେ ଶୀତଟା ଆସିଲେ
ବାବୁମାନେ ସବୁ ସିଟ୍ ଛାଡିଦେଇ
ଖରା ପୋଉଁଥାନ୍ତି ପିଣ୍ଡାରେ।
ଶୀତ ଯେବେ ଆସେ କ୍ଲବରେ
ପିକନିକ ପାଇଁ ସଜବାଜ ଚାଲେ
ସ୍ପଟ୍ ଖୋଜାଚାଲେ ସାଙ୍ଗରେ।
ଶୀତ ଯେବେ ଆସେ ଗାଆଁରେ
ଉତ୍ତରା ପବନେ ଛାତିଟା ଥରଇ
ବୁଢ଼ାବୁଢ଼ୀ ପାଇଁ ଚିନ୍ତାରେ।
ଶୀତ ଯେବେ ଆସେ ମନରେ
ପ୍ରେମିକ ପ୍ରେମିକା ଝୁରିମରୁଥାନ୍ତି
ଆଶୁ ମିଳନର ଆଶାରେ।

ବଳଭଦ୍ରପୁର,
ମୟୁରଭଞ୍ଜ

# ଶୀତ ତ ଡରାଏ ଆସି

ପ୍ରଶାନ୍ତ କୁମାର ଦାଶ



ଗାଆଁରେ ସହରେ କୁହୁଡ଼ି କାକର
କଅଁଳ ଶୀତର ଖେଳ
ନିଆଁପାଖେ ବସି ଗପ କହେ ହସି
ଆଈ ଦେଖି ସଞ୍ଜବେଳ ॥

ଗେଣ୍ଡୁଫୁଲ ଫୁଟେ ତା'ର ବାସଛୁଟେ
ଗାଆଁଠୁ ଅଳପ ଦୂର
ଫୁଲ ତୋଳିନେଇ ବଜାରେ ବିକଇ
ରାଉତ ଘରର ସୁର ॥

ସକାଳର ଖରା ଅଳପ ଉଷୁମ
ସଭିଙ୍କ ଦେହକୁ ଦିଏ
ଖରା ଅଂଶୁଘାତ ଗୁଳୁମୁଳି ଭାଉ
ଶୀତ ତ ଛଡ଼ାଇ ନିଏ ॥

କି ସୁନ୍ଦର ଦିଶେ କାକର ପଖଳା
ସବୁଜ ଫସଲ କ୍ଷେତ
ଥିରି ପବନରେ ଝୁଲି ଝୁଲି ନାଚି
ପକ୍ଷୀ ଗାଉଥାଏ ଗୀତ ॥

ଆଜ୍ଞି ହେଇଯାଏ ଗାଆଁ ସହରର
ଛାତିରେ ଶୀତର ଛବି
ଶୀତୁଆ ସକାଳେ ଉଇଁ ଆସୁଥାଏ
ଅଳସ ଦୂରେଇ ରବି ॥

ଦେହ ଜାକି ଜୁକି କମଳ ଘୋଡ଼େଇ
ଅଜା ବସିଥାନ୍ତି ଘରେ
ଖୁଁ ଖୁଁ କାଶି ଶୋଇଥାଏ ଶେଯେ
ଟୁକୁନା ଶୀତର ଡରେ ॥

ଦିନ ଛୋଟହୁଏ ରାତି ବଢ଼ିଯାଏ
ଶୀତ ତ ଡରାଏ ଆସି
କାମେ ଲାଗିପଡ଼େ ସଜଳ ସକାଳେ
ଶୀତକୁ ନଡରି ଚାଷୀ ॥

ପିପିଲି,
ପୁରୀ

# ଶୀତ

ନିରୁପମା ପାଣି

ଶୀତ ଯେତେ ଯେତେ ବଢ଼େ
ତୁମ କଥା ମନେପଡ଼େ
ଇଛାହୁଏ ପାଇବାକୁ
ଦେହେ ଭିଡ଼ି ରଖିବାକୁ
ତୁମେ ଶୀତେ ଏକା ମୋର
ଲାଗ ନିଜଠୁ ନିଜର
ଆସିଲେ ଗ୍ରୀଷ୍ମେ ବୈଶାଖ
ମାଡ଼େନା ମୁଁ ତୁମପାଖ
ବର୍ଷାରେ ରଖେ ସାଇତି
ଖୋଜେ ନାହିଁ ତୁମ ପ୍ରୀତି
ଶୀତରେ କରେ ଆଦର
ଆହେ ମୋର ସୁଇଟର
ମିଛ ନୁହେଁ ସତ କହେ
ତୁମକୁ ମୁଁ ଭଲପାଏ
କାଠୁଆ ଜାଡ଼ରେ ତୁମେ
ସଦାଲାଗ ମୋ'ର କାମେ
ଶୀତ ଯେବେ କମିଯାଏ
ତୁମକୁ ମୁଁ ଭୁଲି ଥାଏ
କହୁକହୁ କହିଦେଲି
ମୁଁ ଯେ ସ୍ୱାର୍ଥପର ବୋଲି
ସ୍ୱାର୍ଥ ଥିଲେ ଦଣ୍ଡବତ
ପାଇଗଲେ ମାରେ ନାତ।

ବିନତରା, ଚାନ୍ଦବାଲି,
ଭଦ୍ରକ



# ଶୀତ

ଅଞ୍ଜଳି ଦାସ

ଶୀତ ଆସେ ଅଳସୀ ନଈଟେ ପରି
ସୌମ୍ୟ ଶାନ୍ତ ସୁନ୍ଦର ସନ୍ୟାସୀଟେ ପରି
ସିଞ୍ଚୁ ଥାଏ ଯେମିତି ଶୀତଳତାର ବାରି
ଶୀତ ଆସେ ପୁଣି ନିରୀହଟେ ପରି
ଓଠ ଧାରେ ଉଷ୍ମତାର ହସ ଫୁଟାଇ
ତା' ସ୍ପର୍ଶେ ଫୁଟି ଉଠେ ଓଠ ଧାରେ
ହସରୁ ମୁକୁତା.....
ଶୀତ ଆସେ ସଦ୍ୟଝରା ଶେଫାଳୀଟେ ପରି
ମୋ' ମନର ବିଷାଦ ବୀଣାରୁ
ଝରିପଡ଼େ ବିନ୍ଦୁ ବିନ୍ଦୁ କାକରର
ସ୍ନିଗ୍ଧତାର ଶିହରଣ.....

ଅସ୍ତରଙ୍ଗ,
ପୁରୀ

# ମୋ' ଗାଁ'କୁ ଶୀତ ଆସିଲେ

## ସୌଦାମିନୀ ସାହୁ

ମୃଦୁ୍ୟପାଦ ଥାପି ମୋ' ଗାଁ'କୁ ଯେବେ
ଶୀତ ଆଗମନ କରେ,
ଭୂମିରୁ ଆକାଶ ପାହାଡ ଝରଣା
ବିଲ ବନୁ ମଧୁ ଝରେ

ମଧୁର ମଧୁର ଫୁଲର ମହକେ
ପରଜାପତିର ଭିଡ଼ ଲାଗେ
ସୁନାର କ୍ଷେତରେ ସୁଖର ଫସଲ
ଚଷାପୁଅ ଗୀତେ ମନ ଭାଗେ

କୁହୁଡି ଚାଦର ବେଢ଼ି ହୋଇ ଗାଁ'
ପାଁଶୁଳ ବର୍ଣ୍ଣାଳୀ ମନଲୋଭା
କାକର ଟୋପାଯେ ପତରେ ଫୁଲରେ
ମୁକୁତାର ସମ ପାଏ ଶୋଭା

ପ୍ରକୃତିର ଦାନ ସତରେ ମହାନ
ଋତୁର ସମ୍ଭାର ଆମପାଇଁ
ଶୀତର ଆସର  ଖେଳିଗଲେ ଖରେ
କୋଲମାରି ଯାଏ  ଦେହ ତହିଁ

କିଏ ବେଢ଼ିହୁଏ କମଳ ରେଜେଇ
କିଏ ପୁଇଁହୁଏ ନିଆଁ ଲଗେଇ
କିଏ ପିନ୍ଧିଥାଏ ସୋଏଟର ଆଦି
ଜାକିଜୁକି ମାଆ କୋଳେ ରହି

ଶୀତର ଲହରେ ଶ୍ରୀମୟ  ଶ୍ରୀପୂର୍ଣ୍ଣ
ମାଣଓଷା ଲକ୍ଷ୍ମୀପାଦ ଝୋଟି
ସତେକି ଏ ଶୀତ ମୋ' ଗାଆଁ ପାଇଁକି
ଅପୂର୍ବ ଶୋଭାର ମୁଷ୍ଟି ଭେଟି

ଶୀତରେ ବଉଳ ଆମ୍ବଗଛେ ଆସେ
ଅପରୂପ କାନ୍ତି ଝଟକିଯାଏ
ଚୋରାମଳୟଟା ଚୁପିଚୁପି ଆସି
ଶୀତର ଗଜଲ କାନରେ କୁହେ

ଦୁଃଖସୁଖ ଭରା ପ୍ରତିଟି ଜୀବନ
ଶୀତକାକରକୁ ଅନୁଭବେ
ଶୀତର ଚାଦରେ ପ୍ରୀତିର ପତର
ମୋ' ଗାଁ ସତେକି ନିତିଲେଖେ

ସଫା,
କଟକ

# କାଶତଣ୍ଡୀ ଫୁଲ ଯାଉଛି କହି

ବୈଶାଳୀ ସାହୁ



କାଶତଣ୍ଡୀ ଫୁଲ ଯାଉଛି କହି
ଶୀତ ଆସୁଅଛି ଦେଖରେ ଭାଇ
ଗେଣ୍ଡୁ ସେବତୀର ହସ ହସ ମୁହଁ
ମନକୁ ଯାଉଛି ଛୁଇଁ
ଘାସ ଗାଲିଚାରେ ଶିଶିର ପଡ଼ି
ପ୍ରଭାତେ ପ୍ରାନ୍ତର ମୁକୁତା ପରି ଦିଶଇ
କାଶତଣ୍ଡୀ ଫୁଲ ଯାଉଛି କହି
ଶୀତ ଆସୁଅଛି ଦେଖରେ ଭାଇ ।
କୋହଲା ପବନ ବାଜିଲେ
ଦେହ ହେବ ଶୀତେଇ
କନ୍ଥା କମ୍ବଳ ସଜାଡ଼ି ରଖିଥା ଭାଇ
କାଶତଣ୍ଡୀ ଫୁଲ ଯାଉଛି କହି
ଶୀତ ଆସୁଅଛି ଦେଖରେ ଭାଇ ।
ଶୀତ ଦିନେ ହୁଏ ଲକ୍ଷ୍ମୀପୂଜା
ହାକୁଟି ମାରିବା ଆରିସା ମଣ୍ଡା ଖାଇ
କାଶତଣ୍ଡୀ ଫୁଲ ଯାଉଛି କହି
ଶୀତ ଆସୁଅଛି ଦେଖରେ ଭାଇ ।
ମକର ସଂକ୍ରାନ୍ତି ଦିନ
ଅତ୍ରି ଉଷ୍ଣପ୍ରସ୍ରବଣରେ କରିବା ସ୍ନାହାନ
ହଟକେଶ୍ୱରଙ୍କୁ କରିବା ଦର୍ଶନ
ମକର ବସିବି ମିକି ସାଙ୍ଗରେ
ମକର ଚାଉଳ ଖାଇ
କାଶତଣ୍ଡୀ ଫୁଲ ଯାଉଛି କହି
ଶୀତ ଆସୁଅଛି ଦେଖରେ ଭାଇ,
କାଶତଣ୍ଡୀ ଫୁଲ ଯାଉଛି କହି ।

ଛଣଘର, ଜଟଣୀ,
ଖୋର୍ଦ୍ଧା

# ଶୀତ

ସୁହଂସ ଭୋଇ

ହେମନ୍ତର ଅନ୍ତେ ଶୀତ ବିରାଜିତ
ଥାଟବାଟେ ଧରା ତଳେ
ମାଟିର ଦେହରେ ବାଲିର ଶେଯରେ
ସରିତ ଶୀତଳ ଜଳେ

ଆକାଶରୁ ମୁକ୍ତା ହୋଇ ଝରି ପଡ଼େ
ଶିଶିର ବିନ୍ଦୁ ସକାଳେ
କିଶୋର ସମୀର ହୋଇ ସେ କାକର
ଭ୍ରମୁ ଥାଇ ସଞ୍ଜ ବେଳେ

କରି ଦିଏ ଘର ଶୋରିଷ କ୍ଷେତରେ
ଧାନଖଳା ନଈ କୂଳେ
ହେମନ୍ତର ଅନ୍ତେ ଶୀତ ବିରାଜିତ
ଥାଟବାଟେ ଧରା ତଳେ

ଲୁଚି ଥାଏ ଶୀତ ଘନ କୁହୁଡିରେ
ସବୁଜ ପତର ଡାଳେ
ବଉଳ ସଙ୍ଗାତ ବସି ପ୍ରାତଃ କାଳେ
ଫୁଲ ମେଳେ ବନେ ଖେଳେ

ଛୁଇଁଦେଲେ ଥରେ ପ୍ରଣୟ ମନକୁ
ଅନୁରାଗ ନିଆଁ ଜଳେ
ହେମନ୍ତର ଅନ୍ତେ ଶୀତ ବିରାଜିତ
ଥାଟବାଟେ ଧରା ତଳେ

ପହଣ୍ଡି,
ବରଗଡ଼

# ଶୀତ

ଅମୀୟ କୁମାର ସାହୁ

ଶୀତ ଆସେ ଥିରି ଥିରି ଲୋ ବଉଳ
ଶୀତ ଆସେ ଥିରି ଥିରି,
ହେମାଳ ପବନ ଦେହରେ ବାଜିଲେ
ଦେହ ହୁଏ ଶିରି ଶିରି ଲୋ ବଉଳ
ଦେହ ହୁଏ ଶିରି ଶିରି।

ଶୀତ ଲାଗେ ବୋଲି କାଳିଆ ସାଆନ୍ତ
ହୋନ୍ତି ଘୋଡ଼ଲାଗି ବେଶ ଲୋ ବଉଳ
ହୋନ୍ତି ଘୋଡ଼ଲାଗି ବେଶ
ତିଥିର ନାମଟି ଓଢ଼ଣ ଷଷ୍ଠୀକୁ
ଅଟେ ମାର୍ଗଶୀର ମାସ ଲୋ ବଉଳ
ଅଟେ ମାର୍ଗଶୀର ମାସ।

ପ୍ରଭାତ ସମୟେ ଶିଶିର ସ୍ନାତ ଧରଣୀର ବୁକୁ
ମୋତି ପରି ହୁଏ ଦୃଶ୍ୟ ଲୋ ବଉଳ
ମୋତି ପରି ହୁଏ ଦୃଶ୍ୟ
ରବିଙ୍କ କିରଣ ଲାଗଇ ନରମ
ଚିତ୍ତ ହୁଅଇ ହରଷ ଲୋ ବଉଳ
ଚିତ୍ତ ହୁଅଇ ହରଷ।

ଆମେ ଓଡ଼ିଆ ଆମ ଭାଷା ବଢ଼ିଆ
ବାରମାସେ ତେର ଯାତ ଲୋ ବଉଳ
ବାରମାସେ ତେର ଯାତ,
ମାର୍ଗଶୀର ମାସେ ହୁଏ ମାଣବସା
ଓଡ଼ିଆର ମୁଖ୍ୟ ବ୍ରତ ଲୋ ବଉଳ
ଓଡ଼ିଆର ମୁଖ୍ୟ ବ୍ରତ।

ସବୁ ଜାଣିଶୁଣି ମଣିଷ ସମାଜ
ନଷ୍ଟ କରେ ପରିବେଶ ଲୋ ବଉଳ
ନଷ୍ଟ କରେ ପରିବେଶ,
ଆଗଭଳି ଆଉ ଶୀତ ହେଉନାହିଁ
ହଜିଛି ଶୀତ ପରଶ ଲୋ ବଉଳ
ହଜିଛି ଶୀତ ପରଶ।

ବୁଢ଼ାପଡ଼ା, ଜଟଣୀ,
ଖୋରଧା



# ଶୀତ ଆଉ ତୁମେ

ସବିତା ମହାପାତ୍ର

ତୁମେ କୁହୁକ ରାତିର ମହୁଆ ପ୍ରୀତି
ଶୀତ ସକାଳର ବିନ୍ଦୁଏ ମୋତି,
ଦେହରେ ମୋର ଉଷୁମ ତାତି
ପ୍ରୀତି ଶୃଙ୍ଗାରରେ ଦେଉଛ ଛନ୍ଦି,
ଓଠରେ ମୋ'ର ଅକୁହା ଗୀତି
ଓଦା କାକରରେ ଆଙ୍କୁଥାଏ ତୁମ ଛବି...

ଚାହାଣୀରେ ତୁମ ଅନେକ କାହାଣୀ
ଓଠରେ ମହଣେ ମହୁ,
ଶୀତୁଆ ରାତିର ରୂପା ଜହ୍ନ ତୁମେ
ଜୋଛନାରେ ଭିଜେ ମୁଁ,
ବତୁରା ହୃଦୟ ଦେହର ଦହନ
ଲୁହରେ ଆଉଟେ ଯେତେ,
ପାରିବ କି କୁହ ସାଉଁଟି ସାଇତି
ଆଞ୍ଜୁଳାଏ ପ୍ରୀତି ହାତେ...

ସାକ୍ଷୀ ରହୁ ଦଶ ଦିଶି
ଭିଜିବା ପ୍ରଣୟ କାକର ଟୋପାରେ
ପ୍ରୀତି ସଂଜେ ଦୁହେଁ ମିଶି...!!

କବିସୂର୍ଯ୍ୟନଗର,
ଗଞ୍ଜାମ

# ଶାନ୍ତ ଶୀତ

ପ୍ରଜ୍ଞା ମହାନ୍ତି

ଶୀତ ବର୍ଷା ଭଳି ବର୍ଷୁକୀ ନୁହେଁ
ଝର ଝର ଝରି ସେ ପାରେନା
ଶୀତ ଖରା ଭଳି ଈର୍ଷୁକୀ ନୁହେଁ
ଜଳି ଅବା ଜାଳି ସେ ପାରେନା।

ଶୀତ ମାଟି ଭଳି ସାନ୍ଦ୍ର
ପୁଣି ଆକାଶ ଭଳି ଉଦାସ
ଶୀତ ସମୁଦ୍ର ଭଳି ଗମ୍ଭୀର
ଆଉ ପବନ ଭଳି ବିନ୍ଦାସ।

ଶୀତ ଆସେ କୁହୁଡି ପହଁରୀ
ପ୍ରବାସୀ ପକ୍ଷୀଟିଏ ଭଳି,
ଉଡିଂଯାଏ ସମୟ ଡେଣାରେ
କମ୍ କହି ବହୁତ କିଛି ଶୁଣି।

ସତରେ ଆପଣାପଣ ପାଇବାକୁ,
ଜୀବନରେ ଲୋଡ଼ା କିଛି ଶୀତ
ଶୀତ ଅପରିଚିତ ହୋଇଯାଏ
ଫଗୁଣକୁ କରି ପରିଚିତ।

ବୁଢ଼ାରଜା,
ସମ୍ବଲପୁର



# ଶୀତ

ତଫିକୁଲ ହୋସେନ

ତୁମ ଓଠରୁ ସତେ ଅବା
ଝରିବା ପାଇଁ ଅପେକ୍ଷା କରିଛି
ମୋ' ହୃଦୟର କେଇ ପଦ କଥା
ଶୀତର ଆଲିଙ୍ଗନେ ଥରି ଉଠେ ତୁମ ଓଠ
କଅଁଳ କିରଣ ସ୍ୱର୍ଶେ ଶବ୍ଦ ସବୁ
ବାଷ୍ପୀଭୂତ ହୁଏ ଯେବେ ସେ
ମୋ' ହୃଦୟ ସ୍ୱନ୍ଦନେ ସୃଷ୍ଟି ହୁଏ ବ୍ୟଥା ।

ଶୀତୁଆ ସେ ଜହ୍ନ ରାତି
ଉଷୁମ ପରଶଟିଏ ପାଇଁ ତୁମ
ଜାଳି ଅପେକ୍ଷା କରିଛି ମୋ' ହୃଦୟକୁ
ଆସିବ ନିଶ୍ଚେ ମୋ' ମଉନାବତୀ
ନୂପୁର ଶବ୍ଦ ବାରମ୍ବାର ଭ୍ରମିତ କରେ ମତେ
ବିଭୋର ପଣେ ବୁଝି ମୁଁ ପାରେନା
ବିବଶ ସେ ରାତି କେବେଠୁ ଯାଇଛି ବିତି ।

ଏବେ କେବଳ ତୁମର ସ୍ମୃତି
ତୁମ ହାତ ଲେଖା ସେଇ ପତ୍ରଟିଏ
ବାରମ୍ବାର ମତେ ବୁଝାଇ କହୁଛି
ଭୁଲିଯାଅ ମତେ ରହିଲି, ଈମୁଁ ତୁମର ଇତି
ଏବେ ତୁମେ କୁହ କେମିତି ଭୁଲିବି
ଯୁଗ ଯୁଗ ଧରି ମୁଁ ଅପେକ୍ଷା କରିବି
ତୁମେ ତ ମୋର,
ଅତି ସହଯେ କହି ଭୁଲିଗଲ ତୁମେ
ମନ ଏବେ ବି ମାନେନା
ହେ ପ୍ରିୟତମା ହେ ମୋର ସାଥୀ ।।

ଚିପିଲିମା,
ସମ୍ବଲପୁର



# ଶୀତ ସକାଳ

## ଜିତେନ୍ଦ୍ର କୁମାର ନାୟକ

ଭୋର ଆକାଶରେ ଭରିଗଲାଣି କାକର
ଚର୍ତୁଦିଗେ କୁହୁଡ଼ିର ଆସ୍ତରଣ ଭିତରେ
ଧସେଇ ଆସୁଛି ଶୀତ
ଠିକ୍ ସଦ୍ୟଜାତ ଛନଛନିଆଁ ବାଛୁରୀର
ଧାଁ ଦୌଡ଼ରେ......!
ଗାଁ ଠାରୁ ସହର
ସବୁଠି ଶୀତୁଆ ସକାଳ ଦୃଶ୍ୟମାନ,
ଶୀତ ଓ ଖରାର ଲୁଚକାଳି ଭିତରେ
ନରମ ସକାଳଟା
ଦିଶେ ଭାରି ମନୋରମ,
ଚା' ଭାଟିରେ ଭିଡ଼ ଜମିଲାଣି
ମନ ଖୋଜିଲାଣି ଉଷୁମ ଚା' କପ..........!
ପ୍ରେମୀ ଯୁଗଳଙ୍କ ଆଦର ଏ ଶୀତ
ପାର୍କ, ରେଳଷ୍ଟେସନ, ନଦୀପଠା ଓ ବସଷ୍ଟାଣ୍ଡ
ସବୁଠି ଏମାନଙ୍କ ଗହଳଚହଳ....
ଗୁପଚୁପ୍, ଚାଟ ଓ ଦହିବରା ପସରାରେ
ଏମାନଙ୍କ ଲମ୍ବା ଲାଇନ
ଆସର ଜମାନ୍ତି ମନଖୋଲି
ଓ ମନାନ୍ତି ମସ୍ତି ସହ ପିକନିକ୍......!
ସତରେ ଭାରି ଜିଦଖୋର ଏ ଶୀତ
ସନ୍ତ୍ରାସବାଦୀଙ୍କ ପରି
ଧସେଇଆସୁଛି ଆମ ଗାଁ ଓ ସହରକୁ...
ଠିକ୍ ଭୋର୍ ହେଉ ହେଉ....!

ସମ୍ପାଦକ, ପ୍ରୀତିପନ୍ଥା,
ମହାବୀର କଲୋନୀ, ସାକ୍ଷୀଗୋପାଳ, ପୁରୀ



# ଶୀତକୁ ସ୍ୱାଗତ

ରଶ୍ମିତା ମହାରଥୀ

ହେମନ୍ତର ଅନ୍ତେ  ମୃଦୁ ପାଦପତେ
ପ୍ରବେଶିଲା ଆସି ଶୀତ
ଧରଣୀ ରଣୀଟା  ବର୍ଷ ଅନ୍ତରାଳେ
ତା'କୁ କରିଲା ସ୍ୱାଗତ
ଏବେ ତା' ମନ ଉସତ
ଅଙ୍ଗେ ଅଙ୍ଗେ ତା'ର  ଖେଳେ ଶିହରଣ
ପରଶେ ଉତ୍ତରା ବାତ ।।
ସୋରିଷ କୁସୁମ  ପିତପାଟ ତା'ର
ଅଞ୍ଚଳେ ଶିଶିର କଣା
ହେଉଛି ପ୍ରତିତ  ସତେକି ସ୍ଫଟିକ
ମାଳି ହୋଇଅଛି ବୁଣା
ଯେବେ ପଡ଼େ ଅରୁଣିମା
ନାନା ରଙ୍ଗେ  ପ୍ରତିଭାତ ହୋଇ ଶୋଭେ
ମର୍ତ୍ତେ ନାହିଁ ତା' ଉପମା ।।
ବେଳେ ବେଳେ  କୁଜ୍ଝଟିକା ଓଢଣୀରେ
ଘୋଡ଼ାଇ ସାରା ଶରୀର
ପାରଦ ଧଉତ  ସମ ତ ସର୍ବତ୍ର
ଦିଶେ ତୁଷାର ଧବଳ
ଲଜ୍ଜା ଓଢ଼ଣୀ ତାହାର
ଖୋଲେ ଯେବେ କର  କରଇ ପ୍ରଖର
ପ୍ରିୟତମ ପ୍ରଭାକର ।।

ଶୀତ ବିପରୀତ  କରେ ଅନୁଭୂତ
ଅନଳ ଯେହେଁ ଅନିଳ
ଏ କାଳେ ଅନିଳ  ପୀଡ଼ା ପ୍ରଦାୟକ
ଅନଳ ତ ସୁଖକର
ଶୀତର ଏହି ବିଚାର
ପ୍ରିୟ ବି ଅପ୍ରିୟ  ଅପ୍ରିୟ ବି ପ୍ରିୟ
ହୁଏ, ଏ ସମୟ ଖେଳ ।।
ଶୀତର ସଂଘାତେ  ବୃକ୍ଷ ପତ୍ରହୀନ
ହୁଅନ୍ତି ନେତ୍ର ଅରୁଚି
କିନ୍ତୁ ଏ ତ  ପୂର୍ବାଭାଷ ତ ନୂତନ
ଅଚିରେ ହୋଇବ ସୃଷ୍ଟି
ଏ ତ ସଂସାର ନିୟମ
ଜନମ ମରଣ  ବ୍ୟତୀତ ସଂସାରେ
କିଛି ନୁହେଁ ଚିରନ୍ତନ ।।

ବରିଷ୍ଠ ଶିକ୍ଷୟିତ୍ରୀ,
ଜଗନ୍ନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ପିପିଲି,
ପୁରୀ



# ଶୀତ ରାଣୀ କହ କାହାଣୀ

ସୁନନ୍ଦା ମହାନ୍ତି

ଜୀବନ ମାଳାରେ କେତେ କାହାଣୀ
ଫୁଲ ହୋଇ ଗୁନ୍ଥା ମନ ସାରଣୀ
ଶୀତ ଯେବେ ଆସେ ହୋଇକି ରାଣୀ
ଭରିଦିଏ ଆକାଶରେ କୁହୁଡ଼ି ରୋଷଣୀ
ଘାସ ଫୁଲରେ ବିଛାଇ ସବୁଜ ମୁଣି
ଶୀତରେ ଶିଶୁ କନ୍ୟା କାନ୍ଦେ ବୋରୱେଲ ଜାଣି
ଉଦ୍ଧାର କରନ୍ତି ଜ୍ଞାନୀ ମାନି ଗୁଣୀ ବିଜ୍ଞାନୀ
ଶୀତ ରାଣୀ ଖୋଲେ କାହାଣୀ ମୁଣି
ଶ୍ରମିକ ଭାଇର ଆତ୍ମକାହାଣୀ
ଫସିରହି ଯେବେ ଆସିଲେ ପଦାକୁ ପୁଣି
ଭାବ ବିନୋଦିଆ ଜଗନ୍ନାଥ ସେ ପୁଣି
ଡାକି କହନ୍ତି ମାଆ ଘଟଗାଁ ତାରିଣୀ
ରକ୍ଷା କରିବୁ ମାଆ ଜଗତ ଠାକୁରାଣୀ
ତେରଗୋଟି ଜିଲ୍ଲାର ଯେତେ ଦେବ ଦେବୀ
ସାହା ହୋଇ ମଣିଷକୁ ଦେଖାଅ ପଥ ପୁଣି
ଏତିକି ପ୍ରାର୍ଥନା ଋତୁମତୀ ଶୀତ ରାଣୀ
ମାଆର ପଣତ ଶରଧାରେ ସେତ ବହୁ ଉଜାଣୀ
ପିତା ମାତା ପରା ଦରବ ଆଉ ମିଳିବେ କାହିଁ
ଜୀବନ କାହାଣୀ ଭିତରେ ପ୍ରଥମ କାହାଣୀ ସେହି
ଶୀତ ରାଣୀ କହେ ପିତାମାତା ଓ ସନ୍ତାନ
ଥାଆନ୍ତୁ ଯେମିତି ଥିଲେ ରହି
ଶୀତର ରାଣୀ କହେ ଅଙ୍ଗେ ଲିଭା କାହାଣୀ
ଖୋଲି କାହାଣୀ ମୁଣିରୁ ଏ ବର୍ଷ ଶେଷ ମିତଣୀ

ସାକ୍ଷୀଗୋପାଳ,
ପୁରୀ

# ତୁମେ ଯେବେ ଆସ ଥିରି ଥିରି

ପ୍ରଫୁଲ୍ଲ କୁମାର ତ୍ରିପାଠୀ

ଶୀତ ସକାଳର କୁହୁଡ଼ି ଢେଉରେ
ତୁମେ ଯେବେ ଆସ ଥିରି ଥିରି
ଫୁଲର ମହକ ଧୀର ପବନରେ
ଚଉଦିଗ ପୁଣି ଯାଏ ଖେଳି......।୦।

ନିଦୁଆ ପଣତ ଭିଜି ଭିଜି ଯାଏ
ମୁଠାଏ ମୁଠାଏ ସପନରେ
ସୋରିଷ ଫୁଲର ଚହଟା ଦେହରେ
ରଙ୍ଗ ଲାଗିଯାଏ ଅଜଣାରେ
ଆଖି ଠାରେ ବସି ମଳୟ ପବନ
ପୁଲକିତ ହୋଇ ଅଧିରରେ.......(୧)

ପାଚିଲା ଧାନର ପଖଳା ଦେହରେ
ମେରି ହୋଇଯାଏ ଆନମନା
ଚାଷୀର ମନରେ ପର ଲାଗିଯାଏ
ଆଶାରେ ମଧୁର ମୁରୁଛ ନା
ସଜ ସକାଳର ଆଖି ଖୋଲିଯାଏ
ତୁମ ରୁଣୁ ଝୁଣୁ ନୂପୁରରେ.......(୨)

ମହାବୀର ଲେନ୍, ବାଦାମବାଡ଼ି,
କଟକ



# ଶୀତ

ସତ୍ୟନାରାୟଣ ମଲ୍ଲିକ

ମାଟିରୁ ଆକାଶ
ଆକାଶରୁ ମାଟି
ଶୀତ ଲେଖୁଥାଏ
ଭିଜା ଭିଜା ଚିଠି ||

ଶୀତ ଗାଉଥାଏ
ଗୀତ ଜୀବନର
ସୁନେଲି ସକାଳେ
କଅଁଳ ଖରାର ||

ଶୀତ ପାରି ଦିଏ
ମଗୁଶିର ଝୋଟି
ଶୀତ କୋଳେ ଯାଏ
ସୁନା ଫୁଲ ଫୁଟି ||

ଶୀତ ସୋରିଷର
କ୍ଷେତର ଲହଡ଼ି
ଶୀତ ବାଟ ସାରା
ଅଦେଖା କୁହୁଡି ||

ଶୀତ ପାଇଁ ଗାଆଁ
ବାସେ ମହମହ
ଶୀତ କାକରର
ମିଠା ମିଠା ଲୁହ ||

ଡୁରିନ୍ତିରା, ବାଲିପାଟଣା,
ଖୋର୍ଦ୍ଧା

# ଶୀତ ଆସିଛି



ଆରାଧନା ଦାଶ

ଶୀତ ଆସିଅଛି ଏ ମର୍ତ୍ତ୍ୟ ମଣ୍ଡଳେ
ଅଦିନ ଅତିଥି ହୋଇ,
ଗେଣ୍ଡୁ ଫୁଲ ଆଉ ଶୋରିଷ ଫୁଲରେ
ଗଭାକୁ ତା'ର ମଣ୍ଡେଇ ।

ସାଙ୍ଗରେ ଆଣିଛି କୁହୁଡ଼ି କାକର
କାଲୁଆ ପବନ ଯେତେ,
ଥରାଇ ଦେଉଛି ଦେହକୁ ଆମର
କଲବଲ କରେ କେତେ ।

ସକାଳୁ ସକାଳୁ ଶେଯ ଛାଡ଼ିବାକୁ
ମନ ହୁଏ ନାହିଁ ଜମା,
ଶୀତ ବସ୍ତ୍ର ଯାହା ସାଇତି ଥିଲା ମା
ବାହାରେ କଲାଣି ଜମା।

ବିରି ବାଟି ମାଆ ପକେଇ ଦେଲାଣି
ପାଣି କଖାରୁର ବଡ଼ି,
ଶେଯ ଧରୁଧରୁ ନିଦ ଆସିଯାଏ
ଅଳସ ଗଲାଣି ବଢ଼ି ।

ଥଣ୍ଡା ଦରବକୁ ମନ ଚାହେଁ ନାହିଁ
ଗରମ କୁ ମନ ଖୋଜେ,
ଉତ୍ତରା ପବନ ଉଜାଣି ବହିଲେ
ଦାନ୍ତ ଠାଉଠାଉ ବାଜେ।

ନଈ ପଠା ପରେ ବସିଲାଣି ପରା
ପନି ପରିବାର ହାଟ,
ଜୀବନ ଜୀବିକା ସହଜ ହୋଇବ
କୃଷକ ମନ ଉଚ୍ଛାଟ।

ବୁଢ଼ା ବୁଢୀ ଯେତେ ନପାରନ୍ତି ସହି
ଜରତୀ ଶୀତର ଦାଉ,
ଖରା ପୁଇଁବାକୁ ବସିଯାନ୍ତି ଆସି
ସୁରୁଯଟା ଉଉଁଉଉଁ।

କିଏ ଅବା ଏଠି ସବୁଦିନ ରହେ
ମାସ ଅବା ଋତୁ ହେଉ ,
ଚାଲିଯିବ ଶୀତ  ଆସିବ ବସନ୍ତ
ସୃଷ୍ଟିର ନିୟମ ଏହୁ।

ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

# ଶୀତ

ଶୁଭଶ୍ରୀ ରାଉତ

ଋତୁ ଚକ୍ର ଘୂର୍ଣ୍ଣନରେ ବ୍ୟସ୍ତ
ଭିଜିବାର ଅନୁଭବ
ଜଳିବାର ଯନ୍ତ୍ରଣାରେ
ଶୀତ ଏକ ପରିବର୍ତ୍ତନର ସ୍ୱର ।
ଟିକିଏ ଉଷ୍ମତା ଖୋଜୁଖୋଜୁ
ପୁରୁଣା ଚାଦରର ସ୍ମୃତିରେ
କେଜାଣି କାହିଁକି
ଆଖିରୁ ଖସିପଡେ
ଦି' ବୁନ୍ଦା କାକର ,
ତମ ପରି ଶୀତ ଭାରି ନିଷ୍ଠୁର ନିଷ୍ଠୁର ।

ଅମରାବତୀ ପୁର
ଚାରିବାଟିଆ, କଟକ



# ମରତେ ଆସିଛି ଶୀତ

ବେଣୁଧର ସୂତାର

ଏ ଧରଣୀ ଅଙ୍ଗେ ଭିଜା ଋତୁରଙ୍ଗେ
ଚାରୁଚିତ୍ର ଶୋଭା କି କମନୀୟ
ଗେଣ୍ଡୁ,ଗୋଲାପର ମୋହ ମହକର
ସ୍ୱପ୍ନିଳ ସୁଷମା ଅବର୍ଣ୍ଣନୀୟ
ରଙ୍ଗେଇ ଦେଇଛି ରୂପ ମାଧୁରୀ
ଝରାଶେଫାଳୀର ମହକ ଅର୍ଘ୍ୟରେ
ଆସିଅଛି ଶୀତ ମରତ ପୁରୀ ।

କନକ ଚଂପାର ଦୂର ଧାନ କ୍ଷେତ
ହସିହସି ଖେଳେ ସମୀରେଦୋଳି
ରୂପ ସୁଷମାର ଲଳିତ ସମ୍ଭାରେ
ଝରା ଶିଶିରର ଚାରୁ ବର୍ଣ୍ଣାଳୀ,
ମୋତି ମାଣିକର ସରଜେ ଭ୍ରମ
ତରୁଣ ଅରୁଣ କର ପରଶରେ
ବସୁମତୀ ଦିଶେ କି ଅନୁପମ !

ଦୂର ତାଳବଣ ଗହୀର ପଠାରେ
ସୋରିଷ କ୍ଷେତର ସ୍ୱର୍ଣ୍ଣ ଲହରୀ
ହିମ ସ୍ଫଟିକର ମୁକୁତା ମାଳାରେ
ମରତ ସାଜିଛି ମାୟା ନଗରୀ
କାକର ପଖଳା  କଅଁଳ ଖରା,
ଶୀତ ସକାଳର ସୁନା ଝରା ଆଭା
ପ୍ରାଣେପ୍ରାଣେ ଭରେ ପୀୟୂଷ ଧାରା ।

ଚାରୁ ମନୋହର କୁସୁମ ସମ୍ଭାରେ
ଧରାପରେ ବିଜେ ମଙ୍ଗଳମୟୀ
ନବ ବିଭବର ଐଶ୍ୱର୍ଯ୍ୟ ମାଳାରେ
ପଉଷ ଖଳାର ସୌଭାଗ୍ୟଦାୟୀ
ପାଟ ଅଗଣାର ବର୍ଣ୍ଣିଳ ବିଭା,
କୋଟି ଲାବଣ୍ୟର ମଗୁଶୁର ଝୋଟି
ଶୁଭ ଲକ୍ଷ୍ମୀ ପାଦ କମଳ ଶୋଭା ।

ନଗରେ ଗ୍ରାମରେ ପୁରପଲ୍ଲୀ ପୁରେ
ସୌଭାଗ୍ୟ ସୁଷମା ସୁଧା ପରଶ
ଐଶ୍ୱର୍ଯ୍ୟ ଦେବୀଙ୍କ ପୂତ ନିରାଜନା
ଝରିପଡେ କୋଟି ଶୁଭ ଆଶିଷ
ଧରଣୀର ନବ ଗୁଞ୍ଜର ବେଶ
ଭରିଦିଏ ପ୍ରାଣେ  ଅମୃତ ଆୟୁଷ
ଏ ଧରା ଶୀତଳ ସୁଧା ପୀୟୂଷ  ।

ତୁମେ ଶୁଭେଚ୍ଛାର ସୁନେଲି ସକାଳ
ଯାମିନୀରକୋଳେ ଜ୍ୟୋସ୍ନାଜୁଆର
ଉନ୍ମାଦନା ତୋଳେ ନିଖିଳ ଅନ୍ତରେ
ବିନ୍ଦୁରୁ ବିଃସର୍ଗ ଭାବ ଓଁକାର
ମାଟି ମଣିଷର ସୁନା ସପନ,
ଧରା ପ୍ରକୃତିର ତୁମେ ରୂପକଳ୍ପ
ପ୍ରାଣେ ଭରିଦିଅ ଭାବ ସ୍ପନ୍ଦନ  ।

ମର୍ତ୍ତ୍ୟେ ମଧୁମୟ ମଙ୍ଗଳ ଉତ୍ସବ
ମହା ପ୍ରକୃତିର ମଙ୍ଗଳ ନାଦେ
ନହୁଲି ଶୀତର  ପହିଲି ପରଶ
ନୈସର୍ଗିକ ସୁଖ ଐଶ୍ୱର୍ଯ୍ୟ ମୋଦେ
ସ୍ୱପ୍ନ ବୁଣିଅଛ  ହୃଦୟ ତୀରେ
ପଉଷ ପ୍ରୀତିରେ ଛଳଛଳ ପ୍ରାଣ
ଆଶା ସମ୍ଭାବନା  ଜାଗେ ଅନ୍ତରେ  ।

କେଶଦୁରାପାଳ,
କେନ୍ଦୁଝର



# ଶୀତ

ବାସନ୍ତୀ ଦେଈ

ରୂପେ ନିରୂପମା ଛଅଟି ଭଉଣୀ
ଗୋଟିଏ ଗରଭୁଁ ଜାତ
ଋତୁ ଆବର୍ତ୍ତନେ ଧରାକୁ ଆସନ୍ତି
ଧରି ଜଣେ ଆନ ହାତ।୧।

ହେମନ୍ତର ଅନ୍ତେ ଲୁଚି ଛପି ଆସେ
ପଞ୍ଚମ ଋତୁ ଟି ଶୀତ
ଆନନ୍ଦ ଉଲ୍ଲାସ ପର୍ବ ପର୍ବାଣୀରେ
ଧରା ହୁଏ ଆନନ୍ଦିତ।୨।

ପ୍ରକୃତି ରାଣୀ ର କଳେବର ସାଜେ
ପୁଷ୍ପ ଫଳ ପରିବାରେ
ନ ଥାଏ ବରଷା ନ ଥାଏ ଗ୍ରୀଷମ
ଚଳଚଞ୍ଚଳ ଧରାରେ।୩।

କାର୍ତ୍ତିକ ପୂନେଇଁ ଡଙ୍ଗାଭସା ପରେ
ଦୀପାବଳି ମାଣବସା
ଫୁଲେଇ ଶୀତଟି ଥିରି ଥିରି ଆସି
ମର୍ତ୍ତ୍ୟ ରେ ବାନ୍ଧଇ ବସା।୪।

ଧୀରେ ଧୀରେ ଶୀତ କାୟା ବିସ୍ତାରିତ
ଗରୀବ ଠୁଁ ଧନୀ ଯାଏ
ପୃଥିବୀ ପୃଷ୍ଠକୁ କରେ କବଳିତ
ସୃଷ୍ଟିକୁ ଧରାଇ ଦିଏ ।୫।

ବହୁ ତଳ କୋଠା ଗରୀବ କୁଡିଆ
ସବୁଠି କରେ ପ୍ରବେଶ
ସାରା ପୃଥିବୀକୁ ତୁଷାର ଚାଦରେ
ଘୋଡାଇ କରେ ଅବଶ ।୬।

ଶୀତର ପ୍ରକୋପ କରେ ଭୟଭୀତ
ହେଲେ ଜଗତର ମିତ
ଶୀତ ଚାଲିଯାଏ ବସନ୍ତକୁ ଡାକେ
ମୃଦୁ ମଳୟ ସଙ୍ଗୀତ ।୭।

ସୃଷ୍ଟି ନିୟନ୍ତାଙ୍କ ଅନୁପମ ସୃଷ୍ଟି
ତାଙ୍କ ଇଛାରେ ଚାଳିତ
ଷଡ ଋତୁ ଚକ୍ର ପଥ ଗତିରୋଧ
କାହାର ଅଛି ସାମର୍ଥ୍ୟ।୮।

ନବିନାବାଗ,
ଖୋର୍ଦ୍ଧା



# ଗାଆଁରେ ଶୀତ

ବୈଦ୍ୟନାଥ ଖ୍ଲାର

ଶୀତ ଆସେ ମୋ'ର ପ୍ରିୟା ପଣତର
କୁଆଁରୀ ଉଷ୍ମତା ନେଇ
ରଞ୍ଜିରଞ୍ଜି ସଞ୍ଜ ପତଳା ଅନ୍ଧାରେ
ଚୋରା ଚିଠିଟିଏ ନେଇ ।।୦।।

ଡଙ୍ଗର ପଛର ଶୀତର ଗୀତରେ
ପାଉଁଜି ତା' ବାଜୁଥାଏ
ମାଛି ଅନ୍ଧାରରେ ମନେହୁଏ ମୋ'ର
ପ୍ରିୟା ମୋତେ ଖୋଜୁଥାଏ,
ପାଦେ ଆସୁଥାଏ ପାଦେ ଫେରୁଥାଏ
ରାତି ଯାଉଥାଏ ପାହି ।।୧।।

ସାରା ଶୀତରାତି ଲମ୍ବି ଯାଇଥାଏ
ତରାଟରୁ ତାରା ଯାଏ
ନିଶିର ଶିଶିର ଝରକାରେ ମୋ'ର
ଟିପ ମାରି ଫେରିଯାଏ,
କିଆରି କିଆରି ଧାନ କେରିକେରି
ବାସୁଥାଏ ଚେଇଁଚେଇଁ ।।୨।।

ଭିତରେ ଭିତରେ ଆମ ଗାଆଁ ବୁଲି
ମୋତେ ଭଲ ପାଏ ବୋଲି
ସେଇଥି ପାଇଁ ତ ଆମରି ଗାଆଁରେ
ଟଗର ଫୁଟୁଛି ନାଲି,
ଶୀତ ରହୁ ଅବା ଚାଲି ଯାଉ ଦୂରେ
ବୁଲି ଥାଉ ମୋ'ର ହୋଇ ।।

ଚାରିବାଟିଆ,
କଟକ

# ଶୀତ ଛୁଇଁଲାଣି....

ବାସନ୍ତୀ ଦାସ



ଶୀତ ଛୁଇଁଲାଣି ମାଟିର ପଣତ
ଘାସରେ କାକର ମଣି ମୁକୁତା,
ଖରା ଲାଗିଲାଣି ଦେହକୁ ବଢିଆ
କବି ପଢିଲେଣି ଗପ କବିତା ।

ସୁନା ପାଲଟିଲା ଧାନକେଣ୍ଡା ସବୁ
ଥିରି ପବନରେ ହଲାଏ ମଥା
ସୋରିଷ କିଆରି ହଳଦୀ ମାଖିଚି
ଚାଷୀର ହରିଛି ଯେତେକ ବ୍ୟଥା ।

ସୁଲୁସୁଲୁ ବାଆ ବହିଲାଣି ଏବେ
ଲୋଡ଼ା ପଡ଼ିଲାଣି ଚାଦର କନ୍ଥା
ଗରମ ଖାଇବା ଭଲ ଲାଗିଲାଣି
ମଫଲର ଏବେ ବସିଲା ମଥା ।

ଫୁଲ ଫୁଟିଲେଣି ଜାତିଜାତିକା ଯେ
ଅଳି ଗାଇଲେଣି ମଧୁର ଗୀତ
ପରଜାପତି ବି ଉଡ଼ି ବୁଲିଲେଣି
ଶୀତ ସାଙ୍ଗେ ସେତ ବସନ୍ତି ମିତ ।

ପନିପରିବାରେ କ୍ଷେତ ହସିଉଠେ
କୃଷକ ଭାଇର ଭାରି ଆନନ୍ଦ
ମହାଲକ୍ଷ୍ମୀ କୃପା ବରଷା କରନ୍ତି
ପରିଶ୍ରମ ତା'ର ନଥିଲା ମନ୍ଦ ।

ପର୍ବ ପର୍ବାଣୀରେ କମ୍ପୁଚି ସଂସାର
ମହା ଆନନ୍ଦରେ ଜଗତବାସୀ
ସଂସାରରୁ ଯିବ ଅଭାବ ଦୂରେଇ
କର୍ମ କରୁଥିଲେ ସମସ୍ତେ ମିଶି ।

ଏଇ ଶୀତଋତୁ ଭାରି ମଜାଦାର
ଖାଇବା ଶୋଇବା ଗାଇବା ଗୀତ
ସଭିଏଁ କହିବା ଗୋଟିଏ ସ୍ୱରରେ
ବାହାବା ଶୀତ ତୁ ବାହାବା ଶୀତ ।

ଭୀମଟାଙ୍ଗୀ,
ଭୁବନେଶ୍ୱର

# ଶୀତ ସକାଳରେ

ପ୍ରସନ୍ନ ମଣ୍ଡଳ



କାଳି ଅନ୍ଧାରରୁ
କଳେଇ ବେଙ୍ଗୁଳା
　　ମେଡିମୂଳେ ଶୁଭେ ପାଟି
କାଳିଆ କସରା
ଯୋଚିବାକୁ କାଲୁ
　　ଘୁଞ୍ଚାଏ ଗୁହାଳ ତାଟି ।

ଆଳୁ ବାଇଗଣ
ସାରୁ କନ୍ଦମୂଳ
　　ଧାନରେ ଦିଅଇ ପୋତି
ଓଳେଇକି ଆଇ
ବିରି ଗଦା ମୂଳେ
　　ଗଦାଏ ଚୋକଡ ବୋତି ।

ଅଗଣାରେ ଆଇ
ସଜାଡଇ ଚୁଲି
　　କତା ଡାଙ୍ଗି ପାଳ ଘଷି
ଭଙ୍ଗା ବତା କଣି
ନଡ଼ିଆ ବାହୁଙ୍ଗା
　　ଛିଣ୍ଡା ଝୋଟ କତା ରଶି ।

ଦଉଡ଼ି ଦାଉଣି
ପଘା, ତୁଣ୍ଡି ବାନ୍ଧି
　　ଜେଜେ ସଳଖନ୍ତି ଅଣ୍ଡା
ଗଣ୍ଠା ଟେକି ମୁନା
ଅଳସ ପଣରେ
　　ଶହେଥର ଦେଖେ ଘଣ୍ଟା ।

ବାଟହୁଡ଼ା ଘାସ
କାକର ବାଜିକି
　　ବଧିରା ଲାଗଇ ପାଦ
ପାହି କିଏ କେତେ
ଆଗକୁ କାଟିବ
　　ବିଲରେ ଲାଗଇ ବାଦ ।

ଖରାରେ ବସିକି
ଫଟା ଗୋଇଠିରେ
　　ଲହୁଣୀ ମାଖଇ ଆଇ
ପାଖରେ ବସିକି
ଆଖି ମଳିମଳି
　　ନଖି ନାନୀ ମାରେ ହାଇ ।

ପାଳଗଦା ମୂଳେ
ଖରା ଦେଖି ବୋଉ
　　ପକାଏ ମଶିଣା ସପ
ଧାନବସା ହାଣ୍ଡି
ଚୂଲି ଚାରିପଟେ
　　ଚାଲେ କେତେ ଗୁଲିଗପ ।

ହାଣ୍ଡିଶାଳ ଘର
ଶିକାରେ ଝୁଲଇ
　　ଆରିଶା କାକରା ମଣ୍ଡା
ଧାନ ଓଜାଡିକି
ମାଆ ମାଜିଦିଏ
　　କରେଇ ପିତଳ ହଣ୍ଡା ।

ଧାନ ଗଦା ମୂଳେ
ଗଦା ହୁଏ ଅଖା
　　ବୋଝ ବାଉଁସିଆ ଡାଲା
ଶୀତ ଦିନ ଯାକ
ଆମର ଏଇଠି
　　ଚାଲେ ଏମିତିକା ପାଲା ।

ସାଲ୍ ସୁଇଟର
ମଫଲର ଟୋପି
　　କଡା ହୁଏନାହିଁ ଆଉ
ଲଘୁଚାପ ମେଘ
କୋହଲା ପାଗରେ
　　ବଢ଼ିଲେ ଶୀତର ଦାଉ ।

କୋଟପଲ୍ଲା,
ଖୋର୍ଦ୍ଧା



# ଶୀତ ଲାଗି ସିନା

**ଜୟଶ୍ରୀ ପଟ୍ଟନାୟକ**

ଶୀତ ଲାଗି ସିନା ସୋରିଷ ଫୁଲର
ସୁନାରଙ୍ଗର ବେଶ
ଜାତି ଜାତି ଫୁଲ ଧରଣୀ ଗଭାରେ
କାକରେ ଚମକେ ଘାସ ।। ୦ ।।

ବିଲ, ବନ, ନଈ, ପରବତ ଡେଇଁ
ଆସେ ଉତ୍ତରା ପବନ
ହେମାଳ ପରଶେ ଜାଡ଼ ଦିନଟାରେ
ଛୁଇଁଯାଏ ତନୁମନ
କଅଁଳିଆ ଖରା ଲାଗେ ସଞ୍ଜିବନୀ
ଓଠରେ ଫୁଟାଏ ହସ ।। ୧ ।।

ପାକଳ ଧାନର ଶିଶା ଦେଖିଦେଲେ
ମନ ହୋଇଯାଏ ଖୁସି
ଜଳି ପୋଡ଼ି ଯାଏ ପଦ୍ମବନ ତା'କୁ
କାକର ଦିଏ ବିନାଶି
ପଲ୍ଲୀଭୁଇଁ ବେଶ ଦିଶଇ ଧୂସର
ଘେରିଥାଏ କୁହାସ ।। ୨ ।।

ବଉଳ ସାଜଇ ନବ ଯଉବନା
ଆମ୍ର ଶାଖାରେ ତ ରହି
ଗାଁ, ଦାଣ୍ଡ ଖଳା ବାଡ଼ିରେ ବସନ୍ତି
ଧୂନି ନିଆଁକୁ ଯେ ପୂଇଁ
ଧନ୍ୟ ସେ ବିଧାଣି ଯିଏ ସରଜିଛି
ଋତୁଚକ୍ର ଇତିହାସ ।। ୩ ।।

ଗଙ୍ଗନଗର ଛକ,
ଭୁବନେଶ୍ୱର

# ଶୀତ ଋତୁ ଆସେ ହେମନ୍ତ ଅନ୍ତେ

ଗୀତା ମିଶ୍ର

ହେମନ୍ତର ଅନ୍ତେ ଶୀତ ଋତୁ ପୁଣି
ଧରା ପୃଷ୍ଠେ ବିରାଜିତ
ଶିଶିରସିକ୍ତ ଧରଣୀ ରାଣୀଟି
ନୂଆ ରୂପେ ଉପଗତ ।
ପୌଷ ମାଘର ବାଘୁଆ ଶୀତରେ
କଅଁଳ ଖରାର ପରଶ
ପିଲାଠାରୁ ବୁଢ଼ା ସଭିଙ୍କ ମୁଖରେ
ଭରି ଦେଇ ଥାଏ ହରଷ ।
ପ୍ରଭାତରୁ ଉଠି କୃଷକ ଭାଇଟି
ନିତ୍ୟକର୍ମ ସାରି ତାହାର
କାଳିଆ କସରା ବଳଦଙ୍କୁ ନେଇ
କର୍ମକ୍ଷେତ୍ରେ ହୁଏ ବାହାର ।
କୁହୁଡ଼ି କାକର ନକରି  ଖାତର
ସର୍ବ ମୁଖେ ଦାନା ଦେବାକୁ
ଶଗଡ଼ରେ ଯୋଚି ବଳଦ ଦୁହିଁଙ୍କୁ
କାଟି ବୁହେ ଧାନ ଖଳାକୁ ।
ବଡ଼ି ଅନ୍ଧାରରୁ ବେଙ୍ଗଳା ପକାଇ
ଅମଳ କରଇ ଫସଲ
ଗାଁ ଦାଣ୍ଡେ ଧୂନି ଜାଳି ବସିଥା'ନ୍ତି
ଛୁଆଠାରୁ ବୁଢ଼ା ସକଳ ।

ସ୍ୱେଟର, ଟୋପି, ଶାଲ୍, ଜ୍ୟାକେଟ
ଢାଙ୍କନ୍ତି ଧନୀଏ ଦେହଟି
ଗରିବର ଏକା ସାହା ବହ୍ନି ଶିଖା
ଜାଳି ପୋଉଁଥାଏ ନିଆଁଟି ।
ଶେଯ ଛାଡ଼ିବାକୁ ଅମଙ୍ଗ ହୁଅନ୍ତି
କୁନିକୁନି ଶିଶୁଗଣ
ମା' କୋଳ ଉଷୁମ ପାଇବା ପାଇଁକି
ଆକୁଳେ କରନ୍ତି କ୍ରନ୍ଦନ ।
ନବବଧୂଗଣ ବଡ଼ି ଅନ୍ଧାରରୁ
ଖରକି ଘର ଓ  ଦୁଆର
ସ୍ନାହାନ ଉତ୍ତାରେ ଚଉରା ମୂଳରେ
ପୂଜେ ବୃନ୍ଦାବତୀ ପୟର ।
ମୁହଁ, ଦେହ ସବୁ ନୁଖୁରା ଦିଶଇ
ଗୋଇଠି, ଅଧର ଫାଟଇ
କାଲୁଆ ପବନ ଦେହରେ ବାଜିଲେ
ପରାଣେ କମ୍ପନ ଜାଗଇ ।
ସ୍ନାହାନ ପାଇଁକି ସଭିଏଁ ଲୋଡ଼ନ୍ତି
ଜଳ ଟିକେ ପୁଣି ଉଷୁମ
ଗରମ ଗରମ ଖାଦ୍ୟ ଲୋଡ଼ା ହୁଏ
ଚା, କଫି, ମୁଢ଼ି, ବାଦାମ ।
କୁହୁଡ଼ି ଘେରରେ ବାଟଘାଟ ସବୁ
ପରିଷ୍କାର ବାରି ନୁହଇ
ଦୁର୍ଘଟଣା ମାନ ଘଟି ପୁଣି କେତେ
ଧନ ଓ ଜୀବନ ନାଶଇ ।

ଅନୁଗୁଳ

# ଶୀତାର୍ତ୍ତ ଗୋଧୂଳି

**ରବିନାରାୟଣ ମଙ୍ଗରାଜ**



ରକ୍ତିମ ହେଲା ଦୂର ଦିଗବଳୟ
ମଳିନ ହେଲା ଅରୁଣିମା
ବିଦାୟୀ ଆଭାରେ ଗୋଧୂଳି ବର୍ଣ୍ଣିଳ
ନୀରବି ଗଲାଣି ବଂଶୀସ୍ୱନ
ଖଗୋଳରେ ଖଗପନ୍ତିଙ୍କର ଆସର
ଟାପୁ ଶବ୍ଦ ସହିତ ଟିପା ଶବ୍ଦର ଅପୂର୍ବ ମିଳନ
ଫେରନ୍ତା ପାଦ ଦୁଇଟା ଆଗକୁ
ସୁଖ ଦୁଃଖର ସଂସାରଟା ଆଗରେ
ଅଝଟିଆ ପୁତୁଳିଟା ପିଠିରେ ଝୁଲୁଛି---।।

ଡଙ୍ଗର କୋଳରେ ଅପେକ୍ଷାରତ
ଶୀତଟା ଆସର ଜମେଇ ଆସିଲାଣି
ଓଠ ତଳର ବୁଜୁଳେ ଭୋକ ନେଇ
ଫେରୁଛି ଚଞ୍ଚଳ ପାଦରେ ବନ୍ଧନ
ଶୀତଳ ଦୀର୍ଘଶ୍ୱାସ ଗୁଡ଼ା ନାସାଗ୍ରରେ
ତୁହିନ ବିନ୍ଦୁର ସଫେଦ ଚାଦରଟା
ଧୀରେଧୀରେ ଘୋଡ଼େଇ ହେଲାଣି ବସୁଧା
ମାଟି ପିଣ୍ଡାରେ ଥକାମାରେ ନାରଦର ଓଠ
ନିରସ ତରୁର କୋଟର ତଳୁ
ଦିକିଦିକି ଦିଶିଲାଣି ସ୍ଫୁଲିଙ୍ଗ
ଲମ୍ବି ଆସିଛି କେତୋଟି
ପରିଶ୍ରାନ୍ତ ହାତ ଆଗକୁ
ଫେରିଯାରେ ଶୀତ ତୋତେ ଦଣ୍ଡବତ---।

ନିଶାଚୀ ଦେଇନି ଡାକ
ପତ୍ରତଳେ ଲୁଚିଛି ଝିଙ୍କାରି
ପ୍ରବୋଧିନି କୌଶିକ କାନ୍ତାରେ
ଶୀତକର ପରଷିନି କର
ମିଛ "ତୁମା" ଡାକିନି ଡଙ୍ଗରେ
ଉମେଇଟା ଟାଣିନି ଉଷୁମ
ଅନେକ ଦିନୁଁ ନିଘାରେ "ଅଳସୀ" କ୍ଷେତଟା
ଫେରିବି ମୁଁ କ୍ଷଣପତି ସାଥେ
ଥାପିଲେ ବସନ୍ତ ପାଦ କ୍ଷଣଦା ର ଅନ୍ତେ --।।

ସମ୍ପାଦକ "ସମ୍ପର୍କ"
ବୈଦ୍ୟେଶ୍ୱର, ବାଙ୍କୀ, କଟକ

# " ଶୀତର ସାୟେରୀ "

## ରତ୍ନପ୍ରଭା ବାଇ

ସ୍ମୃତିର ସ୍ତମ୍ଭରେ ଜଳଜଳ ଦିଶେ ଜୀବନର ଜଳଛବି
ସପନରେ ସଜା ବିଶ୍ୱାସରେ ଭିଜା ପ୍ରଣୟ ପ୍ରେମ ପୃଥିବୀ ।
ନିୟମ ଡୋରିରେ ଅନୁବନ୍ଧିତ ସ୍ୱାକ୍ଷରିତ ଚୁକ୍ତିପତ୍ର
ଗଚ୍ଛିତ ହୋଇଛି କେତେ ଅପାଶୋରା ଜୀବନ ଚର୍ଯ୍ୟାର ଚିତ୍ର ।

ପ୍ରେମ ପୃଥିବୀରେ ଅଳସ ଭାଙ୍ଗୁଛି ସେଇ ଯେ ଅଭୁଲା ଦିନ
ଶୀତ ସାୟେରୀରେ ଶିହରି ଉଠୁଚି ସୋରିଷଫୁଲିଆ ମନ ।
ଝରକା ଫାଙ୍କରେ ଆଳାପ ଶୁଣୁଛି ମାୟାବିନୀ ଜହ୍ନରାତି
ବୟସ ବଗିଚା ଅୟସ କରୁଛି ଧରି ଫୁଲ ପ୍ରଜାପତି ।

ପ୍ରେମ ପୃଥିବୀରେ ଯେବେ ବି ପଡିଛି ଇନ୍ଦ୍ରଧନୁର ଛାଇ
ଅରତୁରେ ଉଡିଆସି ସାତସୁରେ କୋଇଲି ଉଠିଚି ଗାଇ ।
ଝୁମା ଝୁମା ସେଇ ଗୋଲାପି ବେଳାର ମଧୁର ମୁହୂର୍ତ୍ତ ଯେତେ
ସଂପର୍କ ଶିଳାରେ ଶିଉଳି ଫୁଲରେ ସଜେଇ ହୋଇଛି ସତେ ।

ସମୟ ଢେଉରେ ଭାଙ୍ଗିଲା ଯେବେଠୁ ସପନର ବାଲିଘର
ନିଜନେ ଏକାକୀ ବତୀଘର ପରି ଜଳୁଛି ମୁଁ, ନିରନ୍ତର ।।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୁଳ

# ଶୀତରାତି



ଯମେଶ୍ୱର କହଲସିଂହ

ଶୀତରାତି ବହଳ ଅନ୍ଧାରେ
ଶୂନଶାନ୍ କେଉଁ ଦୂର-
ପାହାଡ଼ର ତଳେ,
କିଏ ବସି ନିରୋଳାରେ
ସଦ୍ୟ ଶିଶୁ ଗଳା ଚିପି ମାରେ......।

ଏ ରାତିର ଅନ୍ଧକାରେ
ନାମୀ ଦାମୀ ବିଳାସ କକ୍ଷରୁ
ରଙ୍ଗଶାଳା, ରଙ୍ଗ ମହଲରୁ
କେତେ କାହା ଦେହ, ମନ ଜାଳି
ଆଭିଜାତ୍ୟ ଅହଂକାରେ
କିଏ ଫେରେ ଏ ରାତିକୁ
କରି ନମସ୍କାର.........,
ଯଉବନ ମରମତ୍ତ
ନିଜ ପ୍ରିୟା ଚିବୁକରେ
ଆଙ୍କିଦିଏ ପ୍ରୀତି ଉପହାର ........।

ଏ ରାତିରେ କେତେ ଫୁଲ
ଫୁଟି ମହକୁଛି,
ଶତ ସହସ୍ର ଭ୍ରମର
ତା' ଜୀବନ ପରିଧିରେ
ଅକୁଣ୍ଠ ଅତିଥି..........।

ଏ ରାତି ଦେଖିଛି କେତେ
ସୀତାଚୋରୀ, ଦେହ ବିକ୍ରି, ପିଲା ବିକ୍ରି
ବିବସନା ଜାନୁ ଯଉବନ..........,
ଏ ରାତିର ବହଳ ଅନ୍ଧାରେ
ଭିନ୍ନ ଆବରଣ ତଳେ
କେତେ ଦୁଃଶା, କେତେ ଦୁର୍ଯ୍ୟୋଧନ........।

ଶୀତ ରାତି ଲୁଛିଛପି
କେତେ ଯେ ଆସିଛି
କରିବାକୁ କେତେ ମନ ଚୋରି.........,
ଲୁଟିବାକୁ ନିଃଶବ୍ଦରେ କେତେ କାହା
ଯଉମୁଦା ମନର ଡାଇରି............।



# ଶୀତ ସକାଳ

ଜ୍ୟୋସ୍ନାରାଣୀ ପଟ୍ଟନାୟକ

ଶୀତ ଆସିଅଛି ସବୁଜ ଧରାରେ
ଶୀତଳ ସମୀର ସାଙ୍ଗରେ ଧରି
ପ୍ରକୃତିର ରୂପ ଯାଇଛି ବଦଳି
ଧୂସର ଆକାଶେ ନିହାର ଭରି ।
ଶିଶିର ଭିଜା  ଶ୍ୟାମଳକେଦାର
ମୁକୁତାସମ ଝଟକୁଥାଇ
ଚାଳଛପରରୁ କାକର ଟୋପା
ବରଷା ପରାଏ ଝରୁଥାଇ ।
ହିମଗିରି  ଦିଗୁ ଉତ୍ତରା ପବନ
ସାରା ଶରୀରକୁ ଦିଏ ଥରାଇ
ଦାନ୍ତ ଠକ୍ ଠକ୍ ହସ୍ତ କମ୍ପିତ
ମୁଖରୁ ଧୂମ ନିର୍ଗତ ହୁଅଇ ।
ଧାନ କ୍ଷେତେ ଭରା ସୁନାର ଫସଲ
କେଣ୍ଡା କେଣ୍ଡା ହୋଇ ନାଚୁଥାଏ
ଚଷା ଭାଇର ହାଡୁଆ ମୁହେଁ
ମନଖୋଲାହସ ଉକୁଟି ଥାଏ ।

ହଳଦି ଗୁରୁଗୁରୁ ସୋରିଷ କ୍ଷେତ
ଧରଣୀର ଶୋଭା ବଢାଇ ଦିଏ
ବଗିଚାରେ ଫୁଟି ଗେଣ୍ଡୁ ସେବତୀ
ଦେବାଦେବୀ ଶିରେ ମଣ୍ଡିତ ହୁଏ ।
ମା' ଲକ୍ଷ୍ମୀଙ୍କର ମାଣବସା ପର୍ବ
ଭକତି ଭାବର ପରଶ ଦିଏ
ଘର ଅଗଣାରେ ଝୋଟିଚିତା ଛବି
ଓଡ଼ିଆ କଳାକୁ ସୂଚାଉ ଥାଏ ।
ପରବ ପର୍ବାଣୀ ବଣଭୋଜି କରି
ଜନ ମାନସରେ ଆନନ୍ଦ ଜାଗେ
ଶୀତ ସକାଳଟା କାଳୁଆ ହେଲେବି
ଯେତେ କାମ କଲେ ଥକା ନ ଲାଗେ ।
ପାଚୁର୍ଯ୍ୟରେ ଭରା ଶୀତଋତୁ ଅବା
ଆହାରେ ଅଭାବ ରହେ ନାହିଁ ।
ଶସ୍ୟ ଶ୍ୟାମଳା ଧରଣୀ ବୁକୁରେ
ଖୁସିର ଲହର ଚହଟୁ ଥାଉ।

ମଧୁସୁଦନ ନଗର
ଖୋର୍ଦ୍ଧା

# ଶୀତର ଗୀତି

ଆଶୁତୋଷ ମେହେର



ପଉଷ ଶୀତରେ ନିଆଁର ପରଶ
କାହାକୁ ଅରୁଚି ଭଲା,
ଶୀତଳ ମନରେ ପ୍ରେମର ଗରମ
ଲାଗେ ନିଶାବୋଳା ଖେଳା.....||୦||

ଶୀତରେ ଅଳସୀ ଫୁଲର ହସରେ
କେତେ ଦହନର ଗୀତି,
ଥିରି ପବନରେ ହୃଦୟ ସ୍ୱରଶେ
ପ୍ରେମ ସୋହାଗାର ପ୍ରୀତି,
ଚୁପ୍ କରି କହେ ପ୍ରେମରେ ରଙ୍ଗିଲା
ଅଜଣା ଅଶୁଣା ବେଳା......||୧||

ମନ ଅମାନିଆ ଛନକା ଛାତିରେ
ଗରମ ପରଶ ସେକା,
ପାଖରେ ନଥିଲେ ସଖୀ ଆପଣାର
ନିଛାଟିଆ ପଣେ ଏକା,
କେମିତି ବିତିବ ଏଇ ଶୀତ ରାତି
ମନେ ଅବସାଦ ମେଳା......||୨||

ନିଆଁ ଲେଲିହାନ ତଥାପି ଲାଗୁଛି
ଏମିତି ଶୀତଳ ଛୁଆଁ,
ଦେହ ଦହନରେ ପରାଣ ଜଳିଲେ
ଉଠିବ କେବେକି ଧୂଆଁ,
ନିଜ ପାଖ ଲୋକ ପର କରିଦେଲେ
ହୁଏନାହିଁ ସହି ହେଳା.......|| ୩||

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ, ଭୁବନେଶ୍ୱର

OPEN

Home Delivery
available

# TASTY DOTS

## MORE FOOD, MORE LIFE



TANDOOR



BIRYANI



CHINESE




INDIAN

VISIT AGAIN

Place your Order
9777030560

M5/23. Near Essura Drug House
Acharya Vihar. Bhubaneswar

ଆମ କବିତା ❖ ତୃତୀୟ ବର୍ଷ ❖ ଦ୍ୱିତୀୟ ସଂଖ୍ୟା ❖ ଫେବୃୟାରୀ ୨୦୨୪



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ